## ସଂକ୍ଷେପରେ

### ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ ପଦ୍ମଶ୍ରୀ ବାବା ବଳିଆ

**ନର୍ଲା,୧।୭ (ସନ୍ତୋଷ ପାତ୍ର):** କଳାହାଣ୍ଡି ଜିଲା ନର୍ଲା ରୋଡସ୍ଥିତ ବିକ୍ରମ ଲଜ୍‌ରେ ସୋମବାର ଏକ ଖବରଦାତା ସମ୍ମିଳନୀ କରି ପଦ୍ମଶ୍ରୀ ବାବା ବଳିଆ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ବାବା ବଳିଆ ସାରା ରାଜ୍ୟ ଭ୍ରମଣ କରି ଉତ୍ତମ ପରିବେଶ, ସୁସ୍ଥ ଗଣତନ୍ତ୍ର ଓ ସନାତନ ଧର୍ମ ରକ୍ଷା ପାଇଁ ସତ୍‌ସଙ୍ଗ କାର୍ଯ୍ୟକ୍ରମ କରିଆସୁଛନ୍ତି। ନର୍ଲାଠାରେ ସେ ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଲୋକଙ୍କ ପାଖରେ ସଚେତନତା ବାର୍ତ୍ତା ପହଞ୍ଚାଇବାକୁ ଅନୁରୋଧ କରିଥିଲେ। କିଭଳି ସମସ୍ତେ ସଚେତନ ହୋଇ ବୃକ୍ଷରୋପଣ କରିବେ ସେ ନେଇ ଆହ୍ୱାନ ଦେଇଥିଲେ। ଆଜିର ଯୁବସମାଜ ସୋସିଆଲ ମିଡ଼ିଆରେ ବ୍ୟସ୍ତ ରହି ନିଜ କର୍ତ୍ତବ୍ୟକୁ ଭୁଲି ଯାଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ।


ସୂଚନା ଦେଉଛନ୍ତି ବାବା ବଳିଆ।

### ପିଚୁ ରାସ୍ତାକୁ କାଦୁଅ କରୁଛି ଟ୍ରାକ୍ଟର

**କୋକସରା,୧।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ଅଁଳାଗୁଡାଠାରୁ ଗମ୍ଭାରୀଗୁଡା, ଚିକିଲି ଗାଁକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କିଛିବର୍ଷ ତଳେ ପିଚୁ ରାସ୍ତା ନିର୍ମାଣ ହୋଇଥିଲା। ତେବେ ଚିକିଲି ଦେଇ ତୁନଗାଁ ରାସ୍ତାପାର୍ଶ୍ୱରେ ରହିଥିବା ଚାଷଜମିରେ ରବି ଧାନ ଅମଳ ସମୟରେ କେତେଜଣ ମାଲିକ ଧାନ କଟା ମେଶିନ (ହାରଭେଷ୍ଟର) ଓ ଟ୍ରାକ୍ଟର ଚଳାଇବା ଫଳରେ ରାସ୍ତା କର୍ଦ୍ଦମାକ୍ତ ହୋଇ ଯାତାୟାତରେ ବାଧା ସୃଷ୍ଟି କରୁଛି। କ୍ଷେତରେ କାମ ସରିବା ପରେ ମଧ୍ୟ କାଦୁଅ ସଫା ନ କରାଯାଇ ନାହିଁ। ଫଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ପିଚୁ ରାସ୍ତାଟି ବର୍ତ୍ତମାନ ମାଟି ରାସ୍ତା ପରି ମନେହେଉଛି। ଏବେ ବର୍ଷା ଆରମ୍ଭ ହୋଇଥିବା ବେଳେ ରାସ୍ତା ସାରା କାଦୁଅ ପଚ ପଚ ହୋଇଯାଇଛି। ସାଇକେଲ କି ବାଇକ ଗଡିବା ତ' ଦୂରର କଥା ପାଦରେ ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡିଛି। କୌଣସି କାମ ପାଇଁ ତୁନଗାଁ, ଧନସରା ଓ କାଶୀବାହାଲ ଅଞ୍ଚଳର ଲୋକେ କୋକସରା ଆସିବାକୁ ହେଲେ ୮ କିମି ବଦଳରେ ୧୫ କିଲୋମିଟର ଦୂର ବୁଲି ଯିବାକୁ ପଡୁଥିବା ପ୍ରକାଶ କରିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।


କଳାହାଣ୍ଡି ଜିଲାରେ ଚାଷୀମାନେ ନିଜ ଜମିରେ କପା ଲଗାଉଛନ୍ତି।

# ନିଅଣ୍ଟିଆ ବର୍ଷା: ଚିନ୍ତାରେ କପା ଚାଷୀ

**ଭବାନୀପାଟଣା,୧।୭ (ଉତ୍ତମ କୁମାର ଦାଶ)**

ସରିଲା ଜୁନ୍ ମାସ। ହେଲେ ବର୍ତ୍ତମାନ ସୁଦ୍ଧା କଳାହାଣ୍ଡି ଜିଲାରେ ଯେଉଁ ପରିମାଣରେ ବର୍ଷା ହେବା କଥା ତାହା ହୋଇନାହିଁ। ବର୍ଷା ବଦଳରେ ପୁଣି ଧୁ ଧୁ ଖରା। ଫଳରେ ବର୍ଷକର ରୋଜଗାରକୁ ନେଇ ଚିନ୍ତାରେ ରହିଛନ୍ତି କପା ଚାଷୀ। ଜିଲାର ବିଭିନ୍ନ ଅର୍ଥକରୀ ଫସଲ ମଧ୍ୟରେ କପା ଅନ୍ୟତମ। ବିଶେଷ କରି ଜିଲାର ଗୋଲାମୁଣ୍ଡା, ଜୁନାଗଡ଼, କେସିଙ୍ଗା ଭବାନୀପାଟଣା ବ୍ଲକ ଅଞ୍ଚଳରେ ପ୍ରାୟ ୬୦ ପ୍ରତିଶତ ଲୋକ କପା ଚାଷ କରି ନିଜର ଚାହିଦା ପୂରଣ କରନ୍ତି। ଏହିସବୁ ବ୍ଲକର ପାଖାପାଖି ୪୦ ହଜାର ହେକ୍ଟର ଚାଷ ଜମିରେ କପା ଚାଷ ହୋଇଥାଏ। ଚଳିତବର୍ଷ କିନ୍ତୁ ବର୍ଷାର ଲୁଚକାଳି ଖେଳ ଯୋଗୁ କପା ଚାଷ ବିଳମ୍ବିତ ହୋଇଛି। ଏ ଯାଏ ଲଗାଯାଇ ପାରୁନି କପା। ବିଗତ ବର୍ଷରେ ଭଲ ବର୍ଷା ଯୋଗୁ ଏହି ସମୟରେ ଜମିରେ କପା ଗଛ ବଢ଼ି ସବୁଜ ରଙ୍ଗ ଧାରଣ କରିବା ସହିତ ଚାଷୀ ହୁଡା ଟେକି ସାର ପ୍ରୟୋଗ କରିବା କଥା। ହେଲେ ଚଳିତବର୍ଷ ବର୍ଷା ଅଭାବରୁ ଚାଷୀମାନେ ନିଜ ଜମି ନା ପ୍ରସ୍ତୁତ କରିପାରୁଛନ୍ତି ନା କପା ବୁଣି ପାରୁଛନ୍ତ। ନିଅଣ୍ଟିଆ ବର୍ଷା ଏବେ ଚାଷୀଙ୍କ ପାଇଁ ଦାଉ ସାଧିଛି। ଧାନ ପରେ କପା ଚାଷ କରି ବିଗତ ବର୍ଷମାନଙ୍କରେ ଏ ଅଞ୍ଚଳର ଚାଷୀ ସ୍ୱାବଲମ୍ବି ହେବା ସହ ନିଜ ଅମଳ କପାକୁ ବିଦେଶକୁ କପା ପଠାଇ ବେଶ ଦୁଇ ପଇସା ରୋଜଗାର କରୁଥିଲେ। କପା ଚାଷ କରି ଚାଷୀ ପରିବାର ମୁହଁରେ ହସ ଫୁଟାଇ ପାରୁଥିଲେ। ଏବେ ଅନିଶ୍ଚିତ ମୌସୁମୀ ବର୍ଷା ଯୋଗୁ କପା ଚାଷ ଆଶା କ୍ଷୀଣ ହୋଇଛି।

## ସ୍ତ୍ରୀଙ୍କୁ ଗୁଳିକରି ହତ୍ୟା କରିଥିବା ସ୍ୱାମୀ ଗିରଫ

**ଥୁଆମୂଳ ରାମପୁର,୧।୭(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଥାନା ଅଧୀନ ଗୁଣପୁର ପଞ୍ଚାୟତର ରଣପୁର ଗ୍ରାମରେ ଗୁଳିକରି ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ଗ୍ରାମର ବନ ମାଝି (୪୫)ଙ୍କ ଜମିରେ ଗାଁର ଜଣେ ବ୍ୟକ୍ତିଙ୍କ ମଇଁଷି ପଶି ଫସଲ ନଷ୍ଟ କରିଥିବା ନେଇ ଘରେ ବନ ଓ ତାଙ୍କ ସ୍ତ୍ରୀ ଜେମାଦେଇ ମାଝି (୩୯)ଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ବନ ନିଶାସକ୍ତ ଅବସ୍ଥାରେ ଥିବାରୁ ଘରେ ଥିବା ଦେଶୀ ବନ୍ଧୁକ ନେଇ ଘରୁ ବାହାରକୁ ଯାଇଥିଲେ। ଏହି ସମୟରେ କୌଣସି ଅଘଟଣ ଆଶଙ୍କାରେ ପୁଅ ଉଦୟ ସିଂ ମାଝି ବାପାଙ୍କ ହାତରୁ ବନ୍ଧୁକ ଛଡେଇବାକୁ ଚେଷ୍ଟା କରୁଥିଲେ। ଠିକ୍ ସେତିକିବେଳେ ବନଙ୍କ ଅଙ୍ଗୁଳି ବନ୍ଧୁକ ଟ୍ରିଗର୍ ଉପରେ ପଡିଥିଲା ଓ ଘର ବାରଣ୍ଡାରେ ବସିଥିବା ସ୍ତ୍ରୀ ଜେମାଦେଇ ଓ ଝିଅ ଦିବ୍ୟାଙ୍କ ଜଙ୍ଘ ଓ ଗୋଡ଼ରେ ଗୁଳି ବାଜିଥିଲା। ପରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେପଟେ ବନଙ୍କ ଉପରେ ପୋଲିସ ସନ୍ଦେହ କରି ତାଙ୍କୁ ଗାଁରୁ ଉଠାଇ ଆଣିଥିଲା। ରବିବାର ବୁର୍ଲା ମେଡିକାଲରେ ଜେମା ଦେଇଙ୍କ ମୃତ୍ୟୁ ହୋଇଥିବା ବେଳେ ଝିଅ ବିଦ୍ୟାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉନ୍ନତି ହୋଇଛି। ଅନ୍ୟପଟେ ପୂର୍ବରୁ ରୁଜୁ ହୋଇଥିବା କେସ୍ ନମ୍ବର ୨୧/୨୪ ଓ ଆଇପିସି ୩୦୭/୩୦୪, ୨୫/୨୭ ଶୁଟର ଆର୍ମ ଆକ୍ଟ ଆଧାରରେ ସୋମବାର ବନଙ୍କୁ ଥୁଆମୂଳ ରାମପୁରସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିବା କର୍ଲାପାଟ ଥାନା ଅଧିକାରୀ ବିଜୟ ରାଜ ମାଝି ସୂଚନା ଦେଇଛନ୍ତି।

## ମିଳୁନି ସାମାଜିକ ପରିବାର ମଙ୍ଗଳ ଯୋଜନା ରାଶି

**ନୂଆପଡ଼ା,୧।୭ (ମକାରୁ ବେମାଲ)**

ନୂଆପଡ଼ା ଜିଲା ବୋଡେନ ବ୍ଲକ ସୁନାପୁର ପଞ୍ଚାୟତ କଣ୍ଟାପଡାର ଦୁଇ ବିଧବା ସାମାଜିକ ପରିବାର ମଙ୍ଗଳ ଯୋଜନାରେ ଆବେଦନ କରି ମଧ୍ୟ ସହାୟତା ରାଶି ପାଇ ନ ଥିବାରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସୋମବାର ଅଭିଯୋଗ କରିଛନ୍ତି। ଦୁଇ ମହିଳା ହେଲେ କଣ୍ଟାପଡାର ଜିତେର ଖାଡିଆ ଓ ଚନ୍ଦ୍ରକାନ୍ତି ଖାଡିଆ। ଜିତେରଙ୍କ ସ୍ୱାମୀ ମଣିରାମ ଖାଡିଆଙ୍କ ମୃତ୍ୟୁ ହେବାର ୫ ବର୍ଷ ବିତିଯାଇଥିବାବେଳେ ଚନ୍ଦ୍ରକାନ୍ତିଙ୍କ ସ୍ୱାମୀ ବୃଷବ ଖାଡିଆଙ୍କ ମୃତ୍ୟୁ ହେବାର ବର୍ଷେ ବିତିଛି। ପରିବାର ମଙ୍ଗଳ ଯୋଜନାରେ ବ୍ଲକସ୍ତରରୁ ୨୦ ହଜାର ଟଙ୍କା ସହାୟତା ରାଶି ପାଇବାକୁ ଥିବାବେଳେ ସେମାନେ ପାଇନାହାନ୍ତି। ବିପିଏଲ୍ ତାଲିକାଭୁକ୍ତ ପରିବାରର ୧୮ରୁ ୫୯ ବର୍ଷ ମଧ୍ୟରେ ହୋଇଥିବା ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ସ୍ୱାଭାବିକ ବା ଆକସ୍ମିକ ମୃତ୍ୟୁ ହେଲେ ସେହି ପରିବାରଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଥାଏ। ଏହି ଯୋଜନା ଅର୍ଥ ମଞ୍ଜୁର କରିବା ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ଦୁଇ ମହିଳା ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିବା ପରେ ଜିଲାପାଳ ହେମକାନ୍ତ ସାୟ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ଦେଖା କରିବା ପାଇଁ ଲିଖିତ ଭାବରେ ଦେଇଛନ୍ତି।


ଅଭିଯୋଗକାରୀ ୨ ମହିଳା।

## ଜିଲାପାଳଙ୍କୁ ଫେରାଦ ହେଲେ ମହିଳା

**ଭବାନୀପାଟଣା,୧।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଛତାବାନ୍ଧୁଗୁଡ଼ା ଗାଁର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ଗ୍ରାମର ୨ ଜଣ ଫେରାର ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରୁପର ମହିଳାମାନେ ଗତ ୩୦ ମେ'ରେ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାସେ ହୋଇଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଶେଷରେ ସୋମବାର ଭବାନୀପାଟଣାରେ କଳାହାଣ୍ଡି ଜିଲାପାଳ ଓ ଏସ୍‌ପିଙ୍କଠାରେ ଫେରାଦ ହୋଇଛନ୍ତି ଗ୍ରୁପର ମହିଳା। ଅଭିଯୋଗକ୍ରମେ, ଛତାବାନ୍ଧୁଗୁଡ଼ା ଗ୍ରାମର ଦୁଇ ବ୍ୟକ୍ତି ଗ୍ରୁପର ମହିଳାମାନଙ୍କ ନାଁରେ ବ୍ୟାଙ୍କରୁ ଟଙ୍କା ଉଠାଇଥିଲେ। ହେଲେ ଏହି ଟଙ୍କାକୁ ସେମାନେ ଗ୍ରୁପର ମହିଳାଙ୍କୁ ନ ଦେଇ ନିଜେ ରଖି ପରେ ଫେରାଇବେ ବୋଲି କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେମାନେ ଟଙ୍କା ନ ଦେଇ ଗ୍ରୁପର ମହିଳାଙ୍କୁ ଗାଳି କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇ ଫେରାର ହୋଇଯାଇଥିଲେ। ଦୁଇଜଣଙ୍କ ମଧ୍ୟରୁ ଜଣେ ୩୩ ଲକ୍ଷ ୨୮ ହଜାର ୬୬୫ ଓ ଅନ୍ୟଜଣେ ୪ ଲକ୍ଷ ୨୦ ହଜାର ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ, ଟଙ୍କା ଉଠାଇଥିବା ଲୋନ ସଂସ୍ଥା କର୍ମଚାରୀ ଗ୍ରୁପର ମହିଳାଙ୍କୁ ହଇରାଣ କରୁଥିବା ନେଇ ଶେଷରେ ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରୁପର ମହିଳା ସୌଭାଗିନି ହରିଜନ, ହମଦେଇ ଜାନି ପ୍ରକାଶ କରିଛନ୍ତି।


ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଛନ୍ତି ଏସ୍‌ଏଚ୍‌ଜି ମହିଳା।

**ସ୍ୱୟଂ ସହାୟିକା ଗୋଷ୍ଠୀ ଟଙ୍କା ନେଇ ୨ ଫେରାର**

### ଖଡ଼ିଆଳରେ ବନମହୋତ୍ସବ ସପ୍ତାହ

**ଖଡ଼ିଆଳ,୧।୭ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବନ ବିଭାଗ ପକ୍ଷରୁ ୭୫ ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ବିତରଣ କେନ୍ଦ୍ର ସ୍ଥାପନ କରାଯାଇ ପ୍ରତ୍ୟେକଙ୍କୁ ୧ଟଙ୍କା ମୂଲ୍ୟରେ ଗୋଟିଏ ଚାରା ପ୍ରଦାନ କରାଯାଇଥିଲା। ଗୋଟିଏ ଆଧାର କାର୍ଡରେ ୧୦ ଗୋଟି ଚାରା ପ୍ରଦାନ ସହ ସମସ୍ତେ ଏହାକୁ ରୋପଣ କରିବାକୁ ଅଧିକାରୀମାନେ ଆହ୍ୱାନ କରିଛନ୍ତି। ଜୁଲାଇ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଏହି କେନ୍ଦ୍ରରେ ଚାରା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଖଡ଼ିଆଳ ରେଞ୍ଜ ପରିସରରେ ଚଳିତ ବର୍ଷ ୩ ଲକ୍ଷରୁ ଊର୍ଦ୍ଧ୍ୱ ଚାରା ରୋପଣ କରିବା ଲକ୍ଷ୍ୟ ରହିଥିବା ରେଞ୍ଜର ସଂସ୍କୃତି ବଡ ନାଏକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନରେଶ ଦଣ୍ଡସେନା ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ହିତାଧିକାରୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ


ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଉଛି।

**କୋକସରା,୧।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସର ବ୍ଲକର ଚିଲିଗୁଡାଠାରେ ଜୟ କୋକସରା ଅର୍ଗାନିକ ଫାର୍ମ କମ୍ପାନୀ ମାଧ୍ୟମରେ ମୃତ୍ତିକା ପରୀକ୍ଷା କେନ୍ଦ୍ର କରାଯାଇ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଛି। କେଉଁ ପ୍ରଣାଳୀରେ ଚାଷ କଲେ ଚାଷୀ ଅଧିକ ଉପାର୍ଜନ କ୍ଷମ ହେବେ ସେ ନେଇ କମ୍ପାନୀ ପକ୍ଷରୁ ବୁଝାଯାଇଥିଲା। ୨୦୨୩-୨୪ରେ ୩ ହଜାର ଚାଷୀଙ୍କ ଜମିର ମାଟି ପରୀକ୍ଷା କରାଯାଇ ସାର୍ଟିଫିକେଟ ପ୍ରଦାନ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟକ୍ରମରେ ଅଭିମନ୍ୟୁ ବାଗ, ସୁରେନ୍ଦ୍ର ଜୁଏଡ, ଦୁଷ୍ମନ୍ତ ପୁରୋହିତ ଓ ମାଟି ପରୀକ୍ଷା କର୍ମୀ ହିତେଶ ଜଗତ ଉପସ୍ଥିତ ଥିଲେ।

## ପାଇପଲାଇନ କାର୍ଯ୍ୟ ପାଇଁ ରାସ୍ତା ଶୋଚନୀୟ

**ରିଷିଡା,୧।୭ (ସୁଶାନ୍ତ ମଲ୍ଲିକ)**

ପାଇପ୍‌ଲାଇନ କାର୍ଯ୍ୟ ପାଇଁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଉମାକାନ୍ତ ପଡାଠାରୁ କର୍ଲାମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡିଛି। ଏହି ମୋରମ ରାସ୍ତାରେ ପ୍ରତିଦିନ ହଜାର ସଂଖ୍ୟାରେ ସ୍କୁଲ କଲେଜ ଛାତ୍ରୀଛାତ୍ର ଓ ସାଧାରଣ ଲୋକେ ଯିବାଆସିବା କରୁଛନ୍ତି। ଏପରିସ୍ଥଳେ କିଛିଦିନ ହେଲା ପାଇପ୍ ବିଛାଇବା ପାଇଁ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଜଣେ ଠିକାଦାର ବିକଳ୍ପ ବ୍ୟବସ୍ଥା ନ କରି ରାସ୍ତା ଖୋଳିବା ସହ ପାଇପ୍ ଏଣେତେଣେ ପକାଇରଖିଛି। ଫଳରେ ବର୍ଷା ଯୋଗୁ ରାସ୍ତା କାଦୁଅ ହୋଇଥିବାରୁ ଲୋକେ ଯିବାଆସିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ଧ୍ୟାନ ଦେବା ନିମନ୍ତେ ସାଧାରଣରେ ଦାବି ହେଉଛି।



## ବର୍ଦ୍ଧିତ ଦରମା ପାଇଁ ବିଡିଓଙ୍କୁ ଦାବିପତ୍ର

**କୋକସରା,୧।୭ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ କାର୍ଯ୍ୟାଳୟ ଅଧୀନରେ ବିଭିନ୍ନ ପଞ୍ଚାୟତରେ ଜଳ ଯୋଗାଣ କାର୍ଯ୍ୟରେ ଏସ୍‌ଇଏମ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ନିୟମିତ ଦରମା ପ୍ରଦାନ ଓ ବର୍ଦ୍ଧିତ ଦରମା ଲାଗୁ କରିବା ପାଇଁ ସୋମବାର ୨୨ ପଞ୍ଚାୟତର ଏସ୍‌ଇଏମ୍ ପମ୍ପ କର୍ମଚାରୀ ବିଡ଼ିଓ ସ୍ନେହପ୍ରଭା ମାଝିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ନିୟମିତ ଦରମା ମିଳୁ ନ ଥିବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଉଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏସ୍‌ଇଏମ୍ ପମ୍ପ କର୍ମଚାରୀ ସଂଘର ଗଜିନ୍ଦ୍ର ନିଆଲ, ଲକ୍ଷ୍ମୀଧର ବେଶ୍ରା, ଓକିଲ ଦୀପ, ଗଜାନନ ନିଆଲ, ପ୍ରକାଶ ଗୋପାଳ, ପ୍ରସନ୍ନ ନାଗ, ରୋମାଞ୍ଚଳ ବେମାଲ ପ୍ରମୁଖ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ।


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ନୂତନ ଆପରାଧିକ ଆଇନ ସଚେତନତା

**ଭବାନୀପାଟଣା/କଲମପୁର, ୧।୭ (ଉତ୍ତମ କୁମାର ଦାଶ/ଗଣେଶ ରାମ ବାଗ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପୋଲିସ କାର୍ଯ୍ୟାଳୟରେ ନୂତନ ଆପରାଧିକ ଆଇନ କାର୍ଯ୍ୟକାରିତା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଏଥିରେ ଅଧ୍ୟକ୍ଷତା କରି ଏହି ଆଇନ ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ଼ିଏସ୍‌ପି ଅଳକା ନନ୍ଦ ସାହୁଙ୍କ ସମେତ ଆଇନଜୀବୀ, ସାମାଜିକ କର୍ମୀ, ଖବରଦାତା ଯୋଗ ଦେଇଥିଲେ। ସେହିପରି କଲମପୁର ଥାନାଠାରେ ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କଲମପୁର ଥାନା ଅଧିକାରୀ ପ୍ରଦୀପ୍ତ କିଶୋର କାନୁନ୍‌ଗୋ ନୂଆ ଆଇନ ବିଷୟରେ ଆଲୋଚନା କରିଥିଲେ। ବଡକୁଟ୍ରୁ ଫାଣ୍ଡି ଅଧିକାରୀ ଶିବ ଶଙ୍କର ମହାନ୍ତି, ଏଏସ୍‌ଆଇ ଶେଖର ଜେନା, ଥାନା କର୍ମଚାରୀ ଓ କଲମପୁର ବ୍ଲକର ଖବରଦାତା ଉପସ୍ଥିତ ଥିଲେ।

**ନୂଆପଡ଼ା (ମକାରୁ ବେମାଲ):** ନୂଆପଡା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ସୋମବାର ନୂତନ ଆପରାଧିକ ଆଇନ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏ ବିଷୟରେ ଏସ୍‌ପି ଗୁନ୍ଦଲା ରେଡ୍ଡି ରାଘବେନ୍ଦ୍ର ସୂଚନା ଦେଇଛନ୍ତି । ଏହି ସମୟରେ ନୂଆପଡା ଜିଲାପାଳ ହେମକାନ୍ତ ସାୟ, ଅତିରିକ୍ତ ଜିଲାପାଳ ଭିମସେନ ଶବର, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଇନ୍ଦ୍ରମଣି ବେହେରା, ସଦର ଏନ୍‌ଏସି ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ନୂଆପଡା ସଦର ଥାନା ପରିସରରେ ଥାନାଧିକାରୀ ଦିଲିପ କୁମାର ସାହୁ ଏହି ନୂତନ ଆଇନ ଉପରେ ଆଲୋକପାତ କରିଥିଲେ।

**ବୋଡ଼େନ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ଥାନାଠାରେ ନୂତନ ଆପରାଧିକ ଆଇନ କାର୍ଯ୍ୟକାରିତା ଉପରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଗୋବିନ୍ଦ ମାଝି ସଭା ପରିଚାଳନା କରି ଏହି ଆଇନର ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ବିଶେଷ କରି ତିନିଗୋଟି ଆଇନ ଭାରତୀୟ ଦଣ୍ଡ ସଂହିତା ସ୍ଥାନରେ ଭାରତୀୟ ନ୍ୟାୟ ସଂହିତା, ଫୌଜଦାରି ଅପରାଧ ସଂହିତା ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଆଇନ ସ୍ଥାନରେ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହେବ। ଏହି ବୈଠକରେ ଅତିଥି ଭାବେ ସାମାଜିକ କର୍ମୀ ଅତିନ୍ଦ୍ର ଜିତ ସିଂହ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ରୋହିତ କୁମାର ସାମନ୍ତ, ସରପଞ୍ଚ ଉମଝର ସଦାଶିବ ବେହେରା, ଏସ୍‌ଆଇ ମଞ୍ଜୁଲତା ଖେଙ୍ଗା ପ୍ରମୁଖ ଯୋଗଦେଇଥିଲେ।

**ପଲମ (ଭିକାରି ଗଡତ):** କଳାହାଣ୍ଡି ଜିଲା ନର୍ଲା ଥାନା ପରିସରରେ ସୋମବାର ନୂତନ ଆପରାଧିକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ନର୍ଲା ଥାନା ଆଇଆଇସି ମମତା ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବଣିକସଂଘ କର୍ମକର୍ତ୍ତା, ରାଜନେତା, ଖବରଦାତା ଓ ଜନସାଧାରଣ ଉପସ୍ଥିତ ଥିଲେ। ଥାନା ଅଧିକାରୀ ପାଣିଗ୍ରାହୀ ନୂତନ ଆଇନ ଦ୍ୱାରା ଲୋକେ କିପରି ଉପକୃତ ହେବେ ସେ ବିଷୟରେ ବୁଝାଇଥିଲେ।

**କୋକସରା (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲାର କୋକସରା ଓ ଆମପାଣି ଥାନା ପକ୍ଷରୁ ସୋମବାର ନୂତନ ଆପରାଧିକ ଆଇନ ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କୋକସରା ଥାନା ଆଇଆଇସି ରୋନିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ, ସଚେତନ ନାଗରିକ, ଜନପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି ଆମପାଣି ଥାନାରେ ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ଜନ ସାଧାରଣ ଉପସ୍ଥିତ ଥିଲେ।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ପରିସରରେ ନୂତନ ଆପରାଧିକ ଆଇନ ଉପରେ ସଚେତନ ସଭା ଅନୁଷ୍ଠିତ ହୋଇଯାଇଛି। ଖଡିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଯୋଗଦେଇ ଏହି ଆଇନର ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ବୈଠକରେ ଖଡିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ, ଖଡିଆଳ ନଗର ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ବରିଷ୍ଠ ନାଗରିକ ସଂଘ ସଭାପତି ରାମେଶ୍ୱର ଅଗ୍ରୱାଲ, ସମ୍ପାଦକ ଡୋଲାମୋହନ ସିଂ ବାବୁ ଯୋଗ ଦେଇଥିଲେ। ଖଡ଼ିଆଳ ସବ୍‌ଜେଲ ପରିସରରେ ଅନୁଷ୍ଠିତ ସଭାରେ ଜେଲର ବଳରାମ ବିଶି ମାଝି, ସହକାରୀ ଜେଲର କୈଳାସ ଚନ୍ଦ୍ର ପତି ଉପସ୍ଥିତ ଥିଲେ।

**ଲାଞ୍ଜିଗଡ (ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ ଥାନାଧିକାରୀ ବିଜୟ ଲକ୍ଷ୍ମୀ ହିକକାଙ୍କ ନେତୃତ୍ୱରେ ଲାଞ୍ଜିଗଡ ଥାନା ପରିସରରେ ନୂତନ ଆପରାଧିକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଆଇନ ବିଷୟରେ ଥାନାଧିକାରୀ ସମସ୍ତଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଶ୍ୱନାଥପୁର ଥାନାଧିକାରୀ ମମତା ହେମ୍ରମଙ୍କ ନେତୃତ୍ୱରେ ବିଶ୍ୱନାଥପୁର ଥାନା ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ପରିସରରେ ଥାନା ଭାରପ୍ରାପ୍ତ ଅଧିକାରୀ କୈବର୍ତ୍ତ ସେଠଙ୍କ ସଭାପତିତ୍ୱରେ ନୂତନ ଆପରାଧିକ କାର୍ଯ୍ୟକାରିତା ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବଚରଣ ମୁଦୁଲିଙ୍କ ସମେତ କଲେଜ ଛାତ୍ରୀଛାତ୍ର, ସମାଜସେବୀ, ବରିଷ୍ଠ ନାଗରିକ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦାନ କରିଥିଲେ।




ନୂଆପଡ଼ା ଓ ନର୍ଲାଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ନୂତନ ଆଇନ ବିଷୟରେ ଅବଗତ କରାଉଛନ୍ତି।

## ସଂକ୍ଷେପରେ

### କୌଶଳୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ପାଇକମାଲ,୧।୭(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ତ୍ରିଦିବସୀୟ କୌଶଳୀ ପ୍ରଶିକ୍ଷଣ ଶିବିର ପ୍ରଧାନ ଶିକ୍ଷକ ଦାଦଶ କୁମାର ପଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପାଇକମାଲ ଏବଂ ଝାରବନ୍ଧ ବ୍ଲକର ୪୩ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସାଧନା କର୍ମୀ ଲଳିତ କୁମାର ବିଶ୍ୱାଳ ଏବଂ ରଶ୍ମିରଞ୍ଜନ ସାହୁ ପ୍ରଶିକ୍ଷଣ ଦେଉଛନ୍ତି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ରାଧେଶ୍ୟାମ ମେହେର ଯୋଗଦାନ କରି ଯୁଗୋପଯୋଗି ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷକ ଦାଦଶ କୁମାର ପଧାନ ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁଦାମ ପାଣ୍ଡେ, ଅମ୍ବି କୁମାର ସାହୁ, ରଜତ କୁମାର ସାହୁ, ବବିତା ବେହେରା, ଆନନ୍ଦିନୀ ସେଠ, ମଧୁସ୍ମିତା ମେହେର, ନିରୁପମା ସାହୁ ସହଯୋଗ କରିଥିଲେ। ତ୍ରିଲୋଚନ ନାୟକ ଶିବିର ପରିଚାଳନା ଏବଂ ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରଧାନ ଶିକ୍ଷକ ମଧୁସୂଦନ ଦେବତାଙ୍କ ଅବସର ଗ୍ରହଣ

**ପଦ୍ମପୁର,୧।୭(ପ୍ରଦୀପ୍ତ ଦାଶ):** ପଦ୍ମପୁର ଅନ୍ତର୍ଗତ ଚାଣ୍ଟିପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ମଧୁସୂଦନ ଦେବତା ଅବସର ଗ୍ରହଣ କରିଛନ୍ତି। ସେ ପ୍ରଥମେ ପଦ୍ମପୁର ନିକଟସ୍ଥ ଦେଉଲି ଉଚ୍ଚ ବିଦ୍ୟାଳୟ ସଡିଭଟା ୧୯୮୪ରୁ ନିଜ ଚାକିରି ଜୀବନ ଆରମ୍ଭ କରିଥିଲେ।



ପରେ ଝାରବନ୍ଧ ବ୍ଲକ ଭଣ୍ଡାରପୁରୀ ପରେ ଶେଷରେ ଗାଇସିଲେଟ ବ୍ଲକ ଚାଣ୍ଟିପାଲିରେ ପ୍ରଧାନଶିକ୍ଷକ ଭାବେ ପଦୋନ୍ନତି ମିଳିଥିଲା ଓ ସେଠାରେ ଅବସର ଗ୍ରହଣ କରିଥିଲେ। ଗାଇସିଲେଟ ଓ ପଦ୍ମପୁର ବ୍ଲକ ସମସ୍ତ ଖେଳ ଶିକ୍ଷକ ସମେତ ଚାଣ୍ଟିପାଲି ଉଚ୍ଚ ବିଦ୍ୟାଳୟ କର୍ମିଚି, ସମସ୍ତ ସହକର୍ମୀ ଛାତ୍ରୀଛାତ୍ର ମିଶି ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ସଭା କରାଯାଇଥିଲା। ସଭାରେ ସେ ନିଜ ବକ୍ତବ୍ୟରେ ସମସ୍ତଙ୍କୁ ନିଜ ଜୀବନରେ ସବୁବେଳେ ସତପଥରେ ଚାଲି ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ।

# ବଢୁଛି ପଣ୍ୟାଗାର ହେମାଲିଙ୍କ ଅସନ୍ତୋଷ

**ବରଗଡ଼,୧।୭(ପ୍ରେମାନନ୍ଦ ଖମାରୀ)**

ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ), କେନ୍ଦ୍ରୀୟ ପଣ୍ୟାଗାର ଏବଂ ଓଡ଼ିଶା ରାଜ୍ୟ ପଣ୍ୟାଗାରରେ କାର୍ଯ୍ୟରତ ହେମାଲି(ଶ୍ରମିକ)ଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେମାନଙ୍କୁ ଠିକ୍ ଭାବେ କାମ ଯୋଗାଇ ଦିଆଯାଉ ନ ଥିବା ଏବଂ ଏଥିରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ସୋମବାର ଓଡ଼ିଶା କଳିଙ୍ଗ ଉତ୍କଳ ହେମାଲି ମହାସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କର୍ମଯୋଗାଣରେ ପାତରଅନ୍ତର କରା ନ ଯାଇ ଠିକ୍ ଭାବେ କାମ ଯୋଗାଇ ଦେବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ମହାସଂଘ ପକ୍ଷରୁ ନିବେଦନ କରାଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଗୋଟିଏ ଜିଲାର ମିଲର୍ସଙ୍କ ପାଖରୁ ସଂଗୃହୀତ ଚାଉଳ ସେହି ଜିଲାର ପଣ୍ୟାଗାରରେ ରଖାଯିବା ବଦଳରେ ତାକୁ ଅନ୍ୟ ଜିଲାର ଗୋଦାମକୁ ପଠାଇ ଦିଆଯାଉଛି। ଏପରି କି ସମ୍ବଲପୁର ଏବଂ ବରଗଡ଼ ଜିଲାର




ଜିଲାପାଳଙ୍କୁ ଫେରାଦ ହୋଇଥିବା ପଣ୍ୟାଗାର ହେମାଲିବୃନ୍ଦ।

**ଜିଲାପାଳଙ୍କୁ ସ୍ମାରକପତ୍ର**

ସଂଗୃହୀତ ଚାଉଳକୁ ଝାରସୁଗୁଡ଼ା ଜିଲା ବାଲିଜୁରୀ ଏଫସିଆଇ ଗୋଦାମକୁ ପଠାଯାଇ ସେଠାରେ ତାହା ରଖାଯାଉଛି। ଏଭଳିସ୍ଥଳେ କର୍ମଯୋଗାଣରୁ ବରଗଡ଼ ଏବଂ ସମ୍ବଲପୁର ଜିଲାର ହେମାଲିମାନେ ବଞ୍ଚିତ ହେଉଛନ୍ତି। ସେହିପରି ଏଲ-୧, ଏଲ-୨, ଏଲ-୩, ଏଲ-୪ ଏବଂ ଏଲ-୫ଭାବେ ହେମାଲିଙ୍କୁ ଭାଗ କରି ଦିଆଯାଇଛି। ଫଳରେ ସମସ୍ତଙ୍କୁ ସମାନଭାବେ କାମ ମିଳିପାରୁ ନାହିଁ। ଫଳରେ ଏହି ବ୍ୟବସ୍ଥାକୁ ଉଠାଇ ଦେବାକୁ ଦାବି ହୋଇଛି। ଅନ୍ୟପଟେ ଏଫସିଆଇରେ ଶ୍ରମିକ ଥାଇ ମଧ୍ୟ ବାହାରୁ ଶ୍ରମିକ ଅଣାଯାଇ କାମ କରାଯାଉଥିବା ଅଭିଯୋଗ ହେଉଛି। ସେହିପରି ବରଗଡ଼ ଜିଲାର ସରକାରୀ ପଣ୍ୟାଗାରରେ କାର୍ଯ୍ୟ ଯୋଗାଇ ଦିଆଯାଉ ନାହିଁ। କିନ୍ତୁ ଘରୋଇ ଗୋଦାମରେ ଚାଉଳ ରଖିବା ପାଇଁ ନିଷ୍ପତ୍ତି ନିଆଯାଉଛି। ଏହାକୁ ବନ୍ଦ କରାଯାଇ ପଣ୍ୟାଗାର ହେମାଲିମାନଙ୍କୁ ଠିକ୍ ଭାବେ କାମ ଯୋଗାଇ ଦେବା ପାଇଁ ମହାସଂଘ ଦାବି କରିଛି। ସଂଘର ସାଧାରଣ ସମ୍ପାଦକ ମେକେଣ୍ଟର ଷଣ୍ଢଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ସଭ୍ୟବୃନ୍ଦ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ବରଗଡ଼,୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲାପାଳ ଆଦିତ୍ୟ ଗୋୟଲ, ଏସପି ପି.ଏସ୍ ମୀନା, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ସିଂ, ଉପଜିଲାପାଳ କୁମାର ନାଗଭୂଷଣ, ଜିଲା ପରିଷଦ ସଭ୍ୟା ନୀଳକୁମାରୀ ନାଏକ, କଳ୍ପନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ଶିକ୍ଷା, ପାନୀୟଜଳ ଯୋଗାଣ, ରାଶନ କାର୍ଡ଼, ଧାନବିକ୍ରି, ଭତ୍ତା, ରାସ୍ତା ନିର୍ମାଣ ଆଦି ସମସ୍ୟା ଆଧାରିତ ୮୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ରେଡ୍‌କ୍ରସ, ୫୪ଟି ବ୍ୟକ୍ତିଗତ ଏବଂ ୩୨ଟି ସାମୂହିକ ସମସ୍ୟା ରହିଥିଲା। ଅଭିଯୋଗ ଗୁଡ଼ିକର ଶୁଣାଣି କରି ସେଗୁଡ଼ିକର ତ୍ୱରିତ୍ ସମାଧାନ ପାଇଁ ଜିଲାପାଳ ଗୋୟଲ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରୁପମା ଷଡ଼ଙ୍ଗୀ, ଅମ୍ବାଭୋନା ବିଡିଓ ଶଙ୍କର ବାଗ, ଅତିରିକ୍ତ ବିଡିଓ ଟିକେଶ୍ୱର ପଟେଲ, ତହସିଲଦାର ଆନନ୍ଦ ପଣ୍ଡା, ଥାନା ଅଧିକାରୀ ବିପିନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଲୋକେ ଅଭିଯୋଗ କରୁଛନ୍ତି।

# ଜୁନରେ ନିଅଣ୍ଟିଆ ବୃଷ୍ଟିପାତ: ଚିନ୍ତାରେ ପଦ୍ମପୁର ଉପଖଣ୍ଡ ଚାଷୀ

**ହାରାହାରି ବୃଷ୍ଟିପାତ ୨୦୩ ମି.ମି., ବର୍ଷା ହୋଇଛି ୧୨୧ ମି.ମି.**

**ପଦ୍ମପୁର,୧।୭(ପ୍ରଦୀପ୍ତ ଦାଶ)**

ଏଥର ପଦ୍ମପୁର ଉପଖଣ୍ଡରେ ମୌସୁମୀ ବର୍ଷା ଚାଷୀଙ୍କୁ ନିରାଶ କରିଛି। ଜୁନ ମାସରେ ହାରାହାରି ୨୦୩.୬ ମି.ମି. ବର୍ଷା ହେବା କଥା । ମାତ୍ର ଏଥର ଉପଖଣ୍ଡର ୬ଟି ବ୍ଲକ୍‌ରେ ହାରାହାରି ୧୨୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ଯଦି ଜୁଲାଇ ପ୍ରଥମ ସପ୍ତାହ ସୁଦ୍ଧା ଆଶାନୁରୂପ ବର୍ଷା ନ ହେଲେ ଖରିଫ ଚାଷ ପ୍ରଭାବିତ ହେବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। ବରଗଡ଼ ଜିଲାର ଅଣଜଳସେଚିତ ଅଞ୍ଚଳ ପଦ୍ମପୁର ଉପଖଣ୍ଡର ଚାଷୀ ଚାଷ ପାଇଁ ବର୍ଷା ଉପରେ ନିର୍ଭର କରିଥାନ୍ତି। ଚଳିତବର୍ଷ ବିଳମ୍ବିତ ମୌସୁମୀ ବର୍ଷା ସାଙ୍ଗକୁ ଜୁନରେ ଆଶାନୁରୂପ ବର୍ଷା ହୋଇନାହିଁ। ଏବେ ମଧ୍ୟ ବନ୍ଧ, କଟା, ନଦୀ ନାଳ ସମ୍ପୂର୍ଣ୍ଣ ଶୁଖିଲା



ପଦ୍ମପୁର ବ୍ଲକ ଦହିଗାଁ ଅଞ୍ଚଳରେ ବର୍ଷାକୁ ଚାହିଁ ରହିଛି ଧାନ ଗଛ।

ପଡିଛି। ଉପଖଣ୍ଡରେ ପ୍ରାୟ ୨୦ ପ୍ରତିଶତ ଜମିରେ ଧାନ ରୁଆ ଯାଇଥାଏ। ମାତ୍ର ବର୍ଷା ଅଭାବରୁ ଚାଷୀ ତଳିପକା କାମ ଆରମ୍ଭ କରିନାହାନ୍ତି। ଜୁନରେ ବିଜେପୁର ବ୍ଲକରେ ୭୫ ମି.ମି., ଗାଇସିଲେଟ ବ୍ଲକରେ ୧୮୭ ମି.ମି., ଝାରବନ୍ଧ ବ୍ଲକରେ ୧୭୫ ମି.ମି., ପଦ୍ମପୁର ବ୍ଲକରେ ୨୧୬ ମି.ମି., ପାଇକମାଲ ବ୍ଲକରେ ୧୯୩ ମି.ମି. ଏବଂ ସୋହେଲା ବ୍ଲକରେ ମାତ୍ର ୭୩ ମି.ମି. ବର୍ଷା ରେକର୍ଡ କରାଯାଇଛି। ପଦ୍ମପୁର ବ୍ଲକ ବୁଢୁଡା ଗ୍ରାମର ଚାଷୀ ଲିଙ୍ଗରାଜ ବୁଡେକ କହଛନ୍ତି ଯେ, ତଳିପକା ପାଇଁ ଜମି ପ୍ରସ୍ତୁତି ସରିଛି, ମାତ୍ର ବର୍ଷା ନ ହେବା ଯୋଗୁ ସମ୍ପୂର୍ଣ୍ଣ ଚାଷ କାର୍ଯ୍ୟ ଠପ ହୋଇଛି ସେ ବୋଲି କହିଛନ୍ତି। ସେହିପରି ଦହିତା ବିଜାମାଲ ଗ୍ରାମର ବିନୋଦ ପାଣ୍ଡେ କହିଛନ୍ତି ଚାଷ ପାଇଁ ସେମାନେ ଉଠାଜଳସେଚନ ଉପରେ ନିର୍ଭର କରନ୍ତି। ମାତ୍ର ନଦୀ ଶୁଖିଲା ପଡିଥିବାରୁ ଚାଷ ହୋଇପାରୁନାହିଁ। ଏଭଳି ସ୍ଥିତିରେ ଯଦି ଚଳିତ ଏକ ସପ୍ତାହରେ ଭଲ ବର୍ଷା ନ ହେଲେ ସ୍ଥିତି ସଙ୍ଗୀନ ହେବ ବୋଲି ଚାଷୀମାନେ କହିଛନ୍ତି।

### ଚଳନ୍ତା ଟ୍ରେନ୍‌ରୁ ପଡ଼ି ଯୁବକ ଗୁରୁତର, ବୁର୍ଲାରେ ଭର୍ତ୍ତି

**ସରଣ୍ଡା,୧।୭(ଯୁଧିଷ୍ଠିର ମହାପାତ୍ର)**

ସମ୍ବଲପୁର-ବରଗଡ଼ ରେଲୱେ ଲାଇନର ଚକୁଳିଫାର୍ମ ନିକଟରେ ସୋମବାର ଚଳନ୍ତା ଟ୍ରେନ୍‌ରୁ ପଡ଼ି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି। ପ୍ରାପ୍ତ ଖବରରୁ ପ୍ରକାଶ ଯେ, କଳାହାଣ୍ଡି ଜିଲା ନର୍ଲା ଥାନା ଅନ୍ତର୍ଗତ ଗୋଟେନ ଗ୍ରାମର ରୁପସିଂ ମାଝିଙ୍କ ୩୫ ବର୍ଷୀୟ ପୁଅ ଉପିନ ମାଝି ଅସାବଧାନତା ବଶତଃ ଚାଳନ୍ତା ଟ୍ରେନରୁ ଖସି ପଡ଼ିଥିଲେ। ଘଟଣା ରେଲୱେ ସମ୍ବଲପୁର-ବରଗଡ଼ ରେଳଲାଇନର ଝୁଣ୍ଟି ନମ୍ବର ୫୮୩/୨୮-୫୮୩/୩୦ ମଝିରେ ଘଟିଥିଲା। ଖବର ପାଇ ଆମ ଧରିତ୍ରୀ ଖବରଦାତା ଯୁଧିଷ୍ଠିର ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଚାବିଦାର ମାୟାଧର ଠେଲାଙ୍କ ସହ ୧୦୮ ଆମ୍ବୁଲାନ୍ସ ଓ ଅତାବିରା ଥାନାକୁ ଖବର ଦେଇଥିଲେ। ଖବର ପାଇ ୧୦୮ କର୍ମଚାରୀ ପହଞ୍ଚି ଉଦ୍ଧାର କରିଥିଲେ। ଚକୁଳି ଫାର୍ମ ରେଲୱେ ଫାଟକରୁ ପ୍ରାୟ ଅଧ କି.ମି. ଦୂରରେ ଉପିନ ଜୀବନ ମରଣ ସହ ଛଟପଟ ହେଉଥିଲେ ବି କାହାରି ନଜରକୁ ଆସି ନ ଥିଲେ। ଉପିନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଦୁହିଁ ହାତ ପାପୁଲି ଓ ଦେହର ବିଭିନ୍ନ ସ୍ଥାନରେ ଖଣ୍ଡିଆ ଖାବର ହୋଇଛନ୍ତି। ଅତାବିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଶିବିରରେ ୪୬ ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୧।୭(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରୋଟାରୀ କ୍ଲବ ପକ୍ଷରୁ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ଶିବିରକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ କ୍ଲବ ସଭାପତି ଦଶରଥ ଅଗ୍ରୱାଲ ଉଦଘାଟନ କରିଥିଲେ। ଶିବିରରେ ୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରୋଟାରୀ ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନେ ଶିବିରରେ ରକ୍ତଦାନ କରିଥିଲେ। ରୋଟାରିଆନ୍ ରୂପମ ଦାଶ, ପ୍ରୋଜେକ୍ଟ ଚେୟାରମ୍ୟାନ ଦିବ୍ୟରାଜ ମେହେର, ସେକ୍ରେଟାରୀ ସୁରେଶ କେଜ୍ରିୱାଲ, ଡା. ରାମକୃଷ୍ଣ ପୁରୋହିତ, ଗୋବିନ୍ଦ ଦାଶ, ସରୋଜ ମହାପାତ୍ର, ଶ୍ରବଣ ଲାଠ, ଭିପୁଲ କୋଟେଚା, ଜୟପ୍ରକାଶ ଲାଠ, ପ୍ରକାଶ କର, ଅମିତ ସାହୁ, ବିରେନ୍ଦ୍ର ଶତପଥୀ, ସତ୍ୟଜିତ କର, ଆଦିତ୍ୟ ପାଢ଼ୀ, ଶରତ ପନସାରୀ, ସୁରେଶ ଅଗ୍ରୱାଲ, ଗଙ୍ଗାସାଗର ପତି, ରୋହନ ରଥ, ଆନନ୍ଦ ଭୁଟୋଦା, ଡା. ସଞ୍ଜୀବ ଦାଶ, ଅଭିଷେକ ଶର୍ମା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବରଗଡ଼ ସେଣ୍ଟ୍ରାଲ ରୋଟାରୀ କ୍ଲବ ସଭାପତି ପ୍ରମୋଦ ଅଗ୍ରୱାଲ ଏବଂ ଇନରହ୍ୱିଲ କ୍ଲବ ସଭ୍ୟାମାନେ ଶୁଭେଚ୍ଛା ଜଣାଇଥିଲେ।




ରୋଟାରୀ କ୍ଲବ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିର।

### ବାଇକ୍ ସହ ବାଛୁରି ପିଟି ହେବାରୁ ୨ ମୃତ

**ପାଇକମାଲ,୧।୭(ବଡ ଶତପଥୀ):** ବରଗଡ ଜିଲା ପାଇକମାଲରୁ ପଦ୍ମପୁର ଯିବା ରାସ୍ତା ସାଲେପାଲି ନିକଟରେ ରବିବାର ବିଳମ୍ବିତ ରାତିରେ ବାଇକ୍‌ରେ ୨ଜଣ ଯାଉଥିବା ସମୟରେ ଏକ ବାଛୁରୀ ହଠାତ ଆଗକୁ ଦୌଡ଼ି ଆସି ବାଇକ୍ ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୨ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ବାଛୁରୀର ମଧ୍ୟ ମୃତ୍ୟୁ ହୋଇଛି। ମୃତକ ହେଲେ ପାଇକମାଲ ମାହରପଡାର ପ୍ରବୀଣ ଛତରିଆ (୪୭) ଓ ଜଗଦଲପୁର ଥାନା ମହଗାଁର ଅଭିନାଶ ନାଏକ (୨୪)। ସୂଚନା ଅନୁସାରେ ୨ଜଣ ପାଇକମାଲରୁ ପଦ୍ମପୁର ପଟକୁ ବାଇକ୍ (ନଂ.ଓଆର୍‌୧୭କେ-୫୪୫୩) ଯୋଗେ ଯାଉଥିଲେ। ଏହି ସମୟରେ ସାଲେପାଲି ନିକଟରେ ହଠାତ୍ ଏକ ବାଛୁରୀ ଗାଡ଼ି ସାମନା ପଟକୁ ଅସିଯିବାରୁ ଭାରସାମ୍ୟ ହରାଇ ବାଇକ୍ ଆରୋହୀ ପଡ଼ିଥିଲେ। ଘଟଣାସ୍ଥଳରେ ଅଭିନାଶଙ୍କ ମୃତ୍ୟୁ ଘଟିଥିଲା ଏବଂ ପ୍ରବୀଣଙ୍କୁ ରାୟପୁର ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପାଇକମାଲ ଥାନାରେ ଏକ ମାମଲା (ନଂ.୧୫୭/୨୪) ରୁଜୁ କରି ଏସଆଇ ପଞ୍ଚାନନ ଖୁଆସ ଘଟଣାର ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଦ୍ମପୁର ପଠାଯାଇଛି ବୋଲି ପାଇକମାଲ ଥାନା ଅଧିକାରୀ ସୁଶାନ୍ତ କୁମାର ବଡେଇ ସୂଚନା ଦେଇଛନ୍ତି।

### ଡାକ୍ତର ଦିବସରେ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର,୧।୭(ପ୍ରଦୀପ୍ତ ଦାଶ)**

ଡକ୍ତର ଦିବସରେ ପଦ୍ମପୁର ଲାୟନ୍ସ କ୍ଲବ ପକ୍ଷରୁ ସମସ୍ତ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଲାୟନ୍ସ କ୍ଲବ ସଭାପତି ପ୍ରୀତମ ମେହେର, ବେଣୁମାଧବ ଦୋରାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସାମିଲ ଥିଲେ। କ୍ଲବର ସଦସ୍ୟମାନେ ସରକାରୀ ଡାକ୍ତରଖାନା ଓ ସମସ୍ତ ଘରୋଇ ଚିକିତ୍ସାଳୟକୁ ଡାକ୍ତରମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ପ୍ରବାଦପୁରୁଷ ପଦ୍ମଶ୍ରୀ, ଶିଳ୍ପୀଗୁରୁ କୁଞ୍ଜ ବିହାରୀ ମେହେରଙ୍କ ଶ୍ରାଦ୍ଧବାର୍ଷିକୀ

**ବରପାଲି,୧।୭(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ଗଙ୍ଗାଧର ସ୍ମୃତି ଭବନଠାରେ ପ୍ରଖ୍ୟାତ ବାନ୍ଧ ଶିଳ୍ପୀ ତଥା ସମ୍ବଲପୁରୀ ବୟନ କଳାର ପ୍ରବାଦ ପୁରୁଷ ପଦ୍ମଶ୍ରୀ, ଶିଳ୍ପୀଗୁରୁ କୁଞ୍ଜ ବିହାରୀ ମେହେରଙ୍କ ଷୋଡ଼ଶତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ବାନ୍ଧ କଳାର ସଂଗ୍ରହାଳୟ କଳାଭାରତୀ ଟ୍ରଷ୍ଟ ସଂଗ୍ରହାଳୟ ବରପାଲି ପକ୍ଷରୁ ଆୟୋଜିତ ଶ୍ରାଦ୍ଧ ସଭାରେ ଅନୁଷ୍ଠାନ ସଭାପତି ଡ଼. ରବୀନ୍ଦ୍ର କୁମାର ଗଡ଼ତିଆ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭିକ ସୂଚନା ଓ ପରିଚୟ ପ୍ରଦାନ କରିଥିଲେ ଡ଼. ଶୁକମୁନି ମେହେର। ମୁଖ୍ୟଅତିଥି ଭାବେ ସ୍ଥାନୀୟ ତହସିଲଦାର ରୁକ୍ମଣ କୁମାର ମେହେର ଏବଂ ମୁଖ୍ୟବକ୍ତା ଭାବେ ଯତୀନ୍ଦ୍ର କୁମାର ସାହୁ, ଅଧ୍ୟାପକ, ଜଗବନ୍ଧୁ ଦାଶ ମହିଳା ମହାବିଦ୍ୟାଳୟ ବରପାଲି ଯୋଗଦାନ କରି ଶିଳ୍ପୀଗୁରୁ ମେହେରଙ୍କ କୃତିତ୍ୱ ଉପରେ ସ୍ମୃତିଚାରଣ କରିଥିଲେ। ମେହେରଙ୍କ ପୁତ୍ର ତଥା ଅନୁଷ୍ଠାନର ମେନେଜିଂ ଟ୍ରଷ୍ଟି, ବିଶିଷ୍ଟ ବାନ୍ଧ ଶିଳ୍ପୀ ଡ଼. ସୁରେନ୍ଦ୍ର ମେହେର ତାଙ୍କ ପିତାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗଙ୍ଗାଧର ମେହେର ମହିଳା ସଂଘ ସଦସ୍ୟାମାନେ ପରିବେଷଣ କରିଥିଲେ। ଅନୁଷ୍ଠାନର ଅନ୍ୟତମ ସଦସ୍ୟ, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ବୀରେନ୍ଦ୍ର ନାଥ ନାଗ ଧନ୍ୟବାଦ ଅର୍ପଣ କରିଥଲେ। କଳାଭାରତୀ ଟ୍ରଷ୍ଟ ସଂଗ୍ରହାଳୟ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଶ୍ରାଦ୍ଧବାର୍ଷିକୀରେ ଉପସ୍ଥିତ ଅତିଥି।

# ନୂଆ ଆପରାଧିକ ଆଇନ ସମ୍ପର୍କରେ ଲୋକଙ୍କୁ ବୁଝାଗଲା

**ପଦ୍ମପୁର,୧।୭(ପ୍ରଦୀପ୍ତ ଦାଶ)**

ସାରା ଦେଶରେ ୩ଟି ନୂଆ ଆପରାଧିକ ଆଇନ ସୋମବାରଠାରୁ କାର୍ଯ୍ୟକାରୀ ହୋଇଛି। ଏହା ବ୍ରିଟିଶ ଅମଳର ଆଇନର ଅନ୍ତ ଘଟାଇବା ସହ ଭାରତର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିବ। ବ୍ରିଟିଶ ଅମଳରୁ ଚାଲିଆସିଥିବା ଭାରତୀୟ ଦଣ୍ଡ ସଂହିତା(ଆଇପିସି), ଫୌଜଦାରି ଅପରାଧ ସଂହିତା (ସିଆର୍‌ପିସି) ଏବଂ ଭାରତୀୟ ସାକ୍ଷ୍ୟ ଆଇନ ସ୍ଥାନରେ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହେବ। ନୂଆ ଆଇନ ଏକ ଆଧୁନିକ ନ୍ୟାୟିକ ବ୍ୟବସ୍ଥା ଆଣିବ, ଯେଉଁଥିରେ ଜିରୋ ଏଫ୍‌ଆଇଆର୍ ଅର୍ଥାତ୍ ଯେକୌଣସି ଥାନାରେ ଏତଲା ଦାଏର କରାଯାଇପାରିବ। ଏପରିକି ଅନ୍‌ଲାଇନରେ ପୋଲିସରେ ଅଭିଯୋଗ ଦାଏର କରାଯିବା ସହ ଏସ୍‌ଏମ୍‌ଏସ୍ ଭଳି ଅନ୍‌ଲାଇନ ମୋଡ୍‌ରେ ସମନ ଜାରି କରାଯିବ। ସମସ୍ତ ଜଘନ୍ୟ ଅପରାଧ କ୍ରାଇମ୍ ସିନ୍‌ର ଭିଡିଓଗ୍ରାଫିକୁ ବାଧ୍ୟତାମୂଳକ କରାଯିବ। ବର୍ତ୍ତମାନର ସମାଜରେ ପ୍ରଚଳିତ ଥିବା କେତେକ ସାମାଜିକ ବାସ୍ତବତା ଏବଂ ଅପରାଧକୁ ରୋକିବାରେ ଏହା ସହାୟକ ହେବା ସହ ନ୍ୟାୟପାଳିକାକୁ ପ୍ରଭାବୀ କରିବାରେ ଉପଯୁକ୍ତ ବ୍ୟବସ୍ଥା ଯୋଗାଇଦେବ। ଏ ନେଇ ପଦ୍ମପୁର ଆଦର୍ଶ ଥାନା ପକ୍ଷରୁ ନୂତନ ଅପରାଧିକ ଆଇନ କାର୍ଯ୍ୟକାରିତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବାର ଆସୋସିଏଶନ ସଭାପତି ଆନନ୍ଦ ପଣ୍ଡା, ଆଇନଜୀବୀ ଅଜିତ ଶତପଥି, ବଣିକ ସଂଘ ସଭାପତି ପ୍ରତାପ ମିଶ୍ର ଏହି ନୂତନ ଆଇନ ସମ୍ପର୍କରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୋଇ, ଆଇଆଇସି ମମତା ନାଏକ, ପଦ୍ମପୁରର ବୁଦ୍ଧିଜୀବୀ ତଥା ବିଭିନ୍ନ ଅନୁଷ୍ଠାନ ପ୍ରତିନିଧିମାନେ ଯୋଗଦେଇଥିଲେ। ସେହିପରି ଜଗଦଲପୁର ଥାନାରେ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପଧାନ, ଏଏସଆଇ ଜଗବନ୍ଧୁ ନାଏକ, ଦେବାର୍ଚନ ଖୁମରା, ଶିବାଜୀ ବାରିକ ଏହି ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଜଗଦଲପୁର ଥାନା ଅଞ୍ଚଳର ସରପଞ୍ଚ, ସମିତି ସଭ୍ୟ, ଶିକ୍ଷକ, ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଯୋଗଦେଇଥିଲେ।







ପଦ୍ମପୁର ଥାନାରେ ନୂଆ ଆପରାଧିକ ଆଇନ ସମ୍ପର୍କରେ ଉପଖଣ୍ଡ ପୋଲିସ ଅଧିକାରୀ ବକ୍ତବ୍ୟ ରଖୁଛନ୍ତି। ଅତାବିରା ଥାନାରେ ସଚେତନତା କର୍ମଶାଳାରେ ଉପସ୍ଥିତ ଅତିଥି।

**ଗାଇସିଲେଟ (ଦୁର୍ଗା ପ୍ରସାଦ ତ୍ରିବେଦୀ):** ଗାଇସିଲେଟ ଥାନାରେ ଥାନା ଆଇଆଇ ସିପ୍ରସାନ୍ତ କୁମାର ସାମଲ ଅଞ୍ଚଳର ବରିଷ୍ଠ ନାଗରୀକଙ୍କୁ ନୂଆ ନିୟମ ସମ୍ପର୍କରେ ବୁଝାଇଥିଲେ। ସଭାରେ ୫୩ଜଣ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଅନେକ ନାଗରିକ ନିଜେ ଜାଣିବା ସକାଶେ ପ୍ରଶ୍ନ କରିଥିଲେ।

**ଝାରବନ୍ଧ (ଦେବେନ୍ଦ୍ର ସାହୁ):** ଭାରତ ସରକାରଙ୍କ ଦ୍ୱାରା ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ ହୋଇଥିବାରୁ ଝାରବନ୍ଧ ଥାନା ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଚେତନତା କାର୍ଯ୍ୟକ୍ରମରେ ଝାରବନ୍ଧ ଥାନା ଅଧିକାରୀ ଶୁଚିସ୍ମିତା ମହାନ୍ତି ନୂତନ ଅଧିନିୟମ ବିଷୟରେ ବୁଝାଇଥିଲେ। ଏବଂ ଆଗାମୀ ଦିନରେ ଜନସାଧାରଣଙ୍କୁ ବ୍ୟାପକ ଭାବରେ ସଚେତନତା କରାଯିବ ବୋଲି ପ୍ରକାଶ କରିଥିଲେ। ଶିବିରରେ ଅଞ୍ଚଳର ବୁଦ୍ଧିଜୀବୀ, ନିର୍ବାଚିତ ପ୍ରତିନିଧି, ଶିକ୍ଷକ ଓ ବରିଷ୍ଠ ନାଗରିକମାନେ ଯୋଗଦାନ କରିଥିଲେ। ଶେଷରେ ଏଏସଆଇ ଶଶିକାନ୍ତ ବାରିକ ଧନ୍ୟବାଦ ଦେଇଥିଲେ।

**ସରଣ୍ଡା (ଯୁଧିଷ୍ଠିର ମହାପାତ୍ର):** ଦେଶରେ ସୋମବାରଠାରୁ ଲାଗୁ ହୋଇଥିବା ନୂଆ ଅପରାଧିକ ଆଇନ କାର୍ଯ୍ୟକାରିତାକୁ ନେଇ ଅତାବିରା ଥାନା ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତାବିରା ଥାନା ଆଇଆଇସି ସୁକୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଚେୟାରମ୍ୟାନ ଗୀତାଞ୍ଜଳି ନାୟକ, ଭାଇସ ଚେୟାରମ୍ୟାନ ଅନନ୍ତ ମେହେର, ତହସିଲଦାର ବ୍ରଜକିଶୋର ସାହୁ, ବିଡ଼ିଓ ସୂର୍ଯ୍ୟ କୁମାର ନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ନୂଆ ଆଇନ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ ସଭାପତି ବୀରେନ୍ଦ୍ର କାର, କୋଶଳ ଭୂତପୂର୍ବ ସୈନିକ ସଂଘ ସଭାପତି ଅରୁଣ କୁମାର ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇ ନିଜ ମତ ରଖିଥିଲେ।

**ସୋହେଲା (ଅଶ୍ୱିନୀ କୁମାର ପାତ୍ର):** ସୋହେଲା ଥାନା ଅଭ୍ୟର୍ଥନା କକ୍ଷରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସୋହେଲା ଥାନା ସବ୍‌ଇନ୍ସପେକ୍ଟର ଅରୂପ ବାରେକ ସଭାପତିତ୍ୱ କରିଥିଲେ। ପରିବର୍ତ୍ତିତ ନୂଆ ଆଇନର ବିଭିନ୍ନ ଧାରା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ସବ୍‌ଇନ୍ସପେକ୍ଟର ରବି ନାରାୟଣ ପଧାନ, ସବ୍‌ଇନ୍ସପେକ୍ଟର ଅନିମା ଏକ୍କା, ଏଏସଆଇ ଜୀବନଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୋହେଲା, କନଗାଁ, ଖଳିଆପାଲି ଆଦି ଗାଁରୁ ଅନେକ ନାଗରିକ ଯୋଗଦେଇଥିଲେ।

**ପାଇକମାଲ (ବଡ ଶତପଥୀ):** ପାଇକମାଲ ଥାନାରେ ନୂତନ ଆଇନ ସମ୍ପର୍କରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପାଇକମାଲ ଥାନା ଅଧିକାରୀଙ୍କ ଆହ୍ୱାନକ୍ରମେ ଅଞ୍ଚଳର ଅନେକ ସଚେତନ ଓ ବରିଷ୍ଠ ନାଗରିକ ଏଥିରେ ଯୋଗଦାନ କରିଥିଲେ। ଏଥି ସହ ଆଇନଜୀବୀ ମନୋଜ କୁମାର ତ୍ରିବେଦି, ସାମାଜିକକର୍ମୀ ସରୋଜ ସାମଲ ଓ ବଡ଼ ଶତପଥୀ ଯୋଗଦେଇ ନିଜସ୍ୱ ବକ୍ତବ୍ୟ ରଖିଥିଲେ। କର୍ମଶାଳାରେ ବରିଷ୍ଠ ନାଗରିକ ସଂଘ ସଭାପତି ନନ୍ଦଲାଲ ତ୍ରିବେଦି,ଭାଗ୍ୟଧର ସାହୁ, ଧନସିଂ ତାଣ୍ଡି, ସୁବ୍ରତ ସାହୁ, ମୁଜାଫର ହୁସେନ, ରବି ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏଏସଆଇ ମୋହନ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୋଇଥିବା ବେଳେ ଯୁବକଙ୍କୁ ହତ୍ୟା ମାମଲା, ଜଣେ ଗିରଫ

ରାଉରକେଳା/ ବିଶ୍ରା, ୧।୭ (ସଙ୍ଗୀତା ଜେନା/ଭୁବନ ମହତୋ)

ବିଶ୍ରା ଥାନା ଚିତାପେଢ଼ି ପଞ୍ଚାୟତ ପିତାଇ ବାଡାଇକ ଟୋଲିରେ ଗୁରୁବାର ରାତିରେ ହୋଇଥିବା ଯୁବକଙ୍କ ହତ୍ୟା ମାମଲାରେ ସୋମବାର ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଉଛନ୍ତି ପୁଶା ବଡ଼ାଇକ (୨୪)। ତାଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଓ ରକ୍ତଲଗା ପୋଷାକ ଜବତ ହୋଇଛି। ଏନେଇ ଡିଏସ୍‌ପି ନିର୍ମଳ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି। ପୂର୍ବରୁ ଜମିବାଡି ବିବାଦକୁ ନେଇ ମୃତକ ବିଜୟ ପୁଶାଙ୍କୁ ମାଡ଼ ମାରିଥିଲେ। ଗୁରୁବାର ସୁଯୋଗ ଉଣ୍ଡି ବିଜୟ ଏକୁଟିଆ ଘର ବାହାରେ ଶୋଇଥିବା ବେଳେ ପୁଶା ଟାଙ୍ଗିଆରେ ବିଜୟଙ୍କୁ ଚୋଟ ମାରି ଫେରାର ହୋଇଯାଇଥିଲା। ସକାଳେ ମୃତକଙ୍କ ମା' ଏହାଦେଖି ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା (ନଂ.୧୧୫/୨୪) ରୁଜୁ କରିଥିଲା ବୋଲି ଡିଏସ୍‌ପି ମହାପାତ୍ର କହିଛନ୍ତି।

# ଆର୍‌ଏମ୍‌ସି ପରିଷଦ ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱ

ରାଉରକେଳା, ୧।୭ (ବିପ୍ଳବ ରଞ୍ଜନ ଦାଶ)


ଆଶୁତୋଷ କୁଲକର୍ଣ୍ଣୀ


ବୀରେନ୍ଦ୍ର ପଟ୍ଟନାୟକ


ଧୀରେନ ସେନାପତି

**ଖୁବ ଶୀଘ୍ର ନିର୍ବାଚନ ନେଇ ଦୃଢ଼ୋକ୍ତି ପ୍ରକାଶ କଲା ଭାଜପା**

- ୬ ମାସ ମଧ୍ୟରେ ନିର୍ବାଚନ ନ ହେଲେ ଆନ୍ଦୋଳନ ଚେତାବନୀ: କଂଗ୍ରେସ

ରାଉରକେଲା ମହାନଗର ନିଗମ ଅଧୀନସ୍ଥ ୪୧ ୱାର୍ଡରେ ଆଜିକୁ ୧୧ ବର୍ଷ ହେଲା ପରିଷଦ ନିର୍ବାଚନ ହେଉନାହିଁ। ଉଚ୍ଚ ନ୍ୟାୟାଳୟ ନିର୍ବାଚନ ଉପରେ ଲଗାଇଥିବା ଅନ୍ତରୀଣ ସ୍ଥଗିତାଦେଶ ହଟୁନାହିଁ। ଅନ୍ୟପଟେ ନିର୍ବାଚନକୁ ନେଇ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମଧ୍ୟ କୌଣସି ପ୍ରତିକ୍ରିୟା ଏଯାଏଁ ସାର୍ବଜନୀନ ହୋଇନାହିଁ। ଆଗାମୀ ୬ ମାସ ମଧ୍ୟରେ ଆରଏମସି ନିର୍ବାଚନ କରାଇବାକୁ ଚଳିତ ସାଧାରଣ ନିର୍ବାଚନରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲା ଭାଜପା। ସେପଟେ ୬ ମାସ ମଧ୍ୟରେ ନିର୍ବାଚନ ନ ହେଲେ ରାଜରାସ୍ତାରେ ଆନ୍ଦୋଳନ କରିବା ସୁନିଶ୍ଚିତ ବୋଲି କଂଗ୍ରେସ ଚେତାବନୀ ଦେଇଛି। ପ୍ରକାଶ ଥାଉକି, ରାସ୍ତା,ପାଣି, ଗମନା ଗମନ, ଦୋକାନ ବଜାର, ଭେଣ୍ଡିଙ୍ଗ ଜୋନ ସହିତ ସମସ୍ତ କାର୍ଯ୍ୟ ଆରଏମସି ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ହାତରେ ଦୀର୍ଘ ବର୍ଷ ହେଲା ପରିଚାଳିତ ହେଉଛି। ବିନା ଜନପ୍ରତିନିଧିରେ ସ୍ଥାନୀୟ ୱାର୍ଡର ଲୋକଙ୍କ ଗଣତାନ୍ତ୍ରିକ ଅଧିକାର କ୍ଷୁର୍ଣ୍ଣ ହୋଇଚାଲିଛି। ୨୦୧୩ରେ ପୂର୍ବତନ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଉରକେଲା ମହାନଗର ନିଗମ ଘୋଷିତ ହେଲା। ମାତ୍ର ଏହା ପରଠାରୁ ଆରଏମସି ପରିଷଦ ନିର୍ବାଚନ ହେଲାନାହିଁ। ସାରା ରାଜ୍ୟରେ ଗୋଟିଏ ପରେ ଗୋଟିଏ ପୌର ନିର୍ବାଚନ ହେଉଥିବା ବେଳେ ରାଉରକେଲାରେ ହେଉନାହିଁ। ଏନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ, ଆରଏମସିର ପରିଷଦ ନିର୍ବାଚନ ମାମଲା ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ବିଚାରାଧୀନ ରହିଛି। ରାଜ୍ୟ ସରକାର ଚାହିଁଲେ ଖୁବ ଶୀଘ୍ର ନିର୍ବାଚନ ହୋଇପାରିବ ବୋଲି ସେ କହିଥିଲେ। ଏନେଇ ଭାଜପା ରାଜ୍ୟ ମୁଖପାତ୍ର ଧିରେନ ସେନାପତି କହିଛନ୍ତି, ଚଳିତ ସାଧାରଣ ନିର୍ବାଚନରେ ଆରଏମସି ପରିଷଦ ନିର୍ବାଚନ ହେବା ଆମର ଏକ ମୁଖ୍ୟ ପ୍ରସଙ୍ଗ ଥିଲା। ଯାହା କରିବା ନେଇ ଲୋକଙ୍କୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲୁ। ଟିକିଏ ବିଳମ୍ବ ହୋଇପାରେ ମାତ୍ର ନିଶ୍ଚିତ ଭାବେ ଆରଏମସି ପରିଷଦ ନିର୍ବାଚନ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏନେଇ ବରିଷ୍ଠ କଂଗ୍ରେସ ନେତା ବିରେନ୍ଦ୍ରନାଥ ପଟ୍ଟନାୟକ କହିଛନ୍ତି, ଚଳିତବର୍ଷ ଉଭୟ କଂଗ୍ରେସ ଏବଂ ଭାଜପା ପକ୍ଷରୁ ରାଉରକେଲା ସାଧାରଣ ନିର୍ବାଚନରେ ଆରଏମସି ପରିଷଦ ନିର୍ବାଚନ ମୁଖ୍ୟ ପ୍ରସଙ୍ଗ ସାଜିଥିଲା। ଉଭୟ ଦଳ ଏହି ପ୍ରସଙ୍ଗକୁ ନେଇ ଭୋଟଭିକ୍ଷା କଲେ। ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନ ସରକାର। ତେଣୁ ଆରଏମସି ନିର୍ବାଚନ କରାଇବେ ବୋଲି ଆଶା କରାଯାଉଛି। ୬ମାସ ମଧ୍ୟରେ ନିର୍ବାଚନ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# କବି ସର୍ବଦା ଶବ୍ଦର ଶରଣାଗତ ହୋଇଥାଏ

ରାଉରକେଲା, ୧।୭ (ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଧାମରା ସଂଘ ପରିସରରେ ଧାମରା ସାହିତ୍ୟ ସଂସଦର ଗ୍ରୀଷ୍ମ କବିତା ଆସର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। କବି ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ସହରର ସୁପରିଚିତ କବି ଡ. ଅଶ୍ୱନୀ ରାୟ, ଡ. କୃପାସିନ୍ଧୁ ନାୟକ, ତ୍ରିନାଥ ସିଂହ, ମୀନକେତନ ପଶାୟତ, କାଶୀନାଥ ନନ୍ଦୀ, ଅଙ୍ଗୁରବାଳା ପରିଡା, ମହେଶ୍ୱତା ସାହୁ, ଶର୍ମିଷ୍ଠା କବି ଶତପଥୀ, ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ଡକ୍ଟର ଗୀତାଞ୍ଜଳି ପତ୍ରୀ 'କବିତାର କଥା ଶୀର୍ଷକ' ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କବି ସର୍ବଦା ଶବ୍ଦର ଶରଣାଗତ ହୋଇଥାଏ। ଯେଉଁ ଶବ୍ଦକୁ ନେଇ କବି କବିତାର ଚିତ୍ରକଳ୍ପ ନିର୍ମାଣ କରେ ଓ ଯାହାର ଅନୁଭବ ହିଁ କବିତାକୁ ଜୀବନ୍ତମୟ କରିଥାଏ ବୋଲି ଅତିଥିମାନେ କହିଥିଲେ। ସଂଘର ସାଧାରଣ ସମ୍ପାଦକ ଭଗବାନ ରାଉତ ତାଙ୍କର ସମ୍ପାଦକୀୟ ବିବରଣୀ ପ୍ରଦାନ କରିବା ସହ ଧାମରା ସାହିତ୍ୟ ସଂସଦର ଆଭିମୁଖ୍ୟ ଉପରେ ମତ ପ୍ରକାଶ କରିଥିଲେ। ଆରମ୍ଭରେ ସଂଘର ସହ ସମ୍ପାଦକ ଅକ୍ଷୟ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜ୍ୟୋତିର୍ମୟ ଆଚାର୍ଯ୍ୟ ଓ ସାଥୀ କଳାକାରମାନେ ଏକ ସୁନ୍ଦର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାକୁ ଗୌତମ ଦାସ,ଗୀତାରାଣୀ ବେହେରା ଓ ବସନ୍ତ ବିଶ୍ୱକର୍ମା ସଂଯୋଜନା କରିଥିଲେ। ଏଥିରେ କବି ଉପେନ୍ଦ୍ର ବସ୍ତିଆ,ଅଶୋକ ପଟ୍ଟନାୟକ, ହୃଷିକେଶ ସାହୁ, ତପସ୍ୱିନୀ ପ୍ରଧାନ, ଉର୍ବଶୀ ଦାସଙ୍କୁ ମିଶାଇ ସମୁଦାୟ ୪୨ ଜଣ କବି ଓ କବୟିତ୍ରୀ ନିଜସ୍ୱ ରଚିତ କବିତା ପାଠ କରିଥିଲେ। ପରେ ଅନୁଷ୍ଠାନ ପକ୍ଷରୁ ସମସ୍ତ କବିଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ସଭାରେ ସହରର ବହୁ ବୁଦ୍ଧିଜୀବୀ, ସାହିତ୍ୟ ପ୍ରେମୀଙ୍କ ସହ ସଙ୍ଗଠକ ଅଭୟ କୁମାର ଦାସ, ଅନିଲ ଦାଶ, ବିକ୍ରମ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ଦାଶ, ରାମକୃଷ୍ଣ ତ୍ରିପାଠୀ, ଆଲୋକ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦିକା ନିରୁପମା ପତି ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତ୍ୟେକ ଭାଷାର ଏକ ବିବର୍ତ୍ତନ କ୍ରମ ରହିଛି

ରାଉରକେଲା, ୧।୭ (ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ବାସନ୍ତୀ ପାଠାଗାର ପରିସରରେ ସାହିତ୍ୟ ଆସର ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ସଭାପତି ଡ. ଶକ୍ତିପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପିକା ଡକ୍ଟର ସୁଷମା ମୋଦୀ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତିର ତାପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାକୁ ସାଂସ୍କୃତିକ ସମ୍ପାଦିକା ସୁଭାଷିନୀ ସାହୁ ସଂଯୋଜନା କରିଥିଲେ। ପ୍ରଥମ ଭାଷା ତାପରେ ସାହିତ୍ୟ। ପ୍ରତ୍ୟେକ ଭାଷାର ଏକ ବିବର୍ତ୍ତନ କ୍ରମ ରହିଛି। ଭାଷା ସାହତ୍ୟର ବିକାଶ ପାଇଁ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଆଲୋଚକ ଡକ୍ଟର ମୋଦି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗାଳ୍ପିକ ତଥା ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କ ପୁସ୍ତକ ଗଳ୍ପ 'କିଛି ଗତକାଲିର କିଛି ଆଜିରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ପୁସ୍ତକଟିକୁ ଶିକ୍ଷାବିତ ତାରିଣୀ ଚରଣ ସାହୁ ସମୀକ୍ଷା କରିଥିଲେ। ଗାଳ୍ପିକ ଆଚାର୍ଯ୍ୟ ପୁସ୍ତକ ସମ୍ପର୍କରେ ଅଭିମତ ରଖିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବି କୁଞ୍ଜବିହାରୀ ରାଉତ ଓ କିଶୋରୀ ମୋହନ କରଙ୍କ ସଂଯୋଜନାରେ କବିତା ପାଠଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲାର ବହୁ କବି ଓ କବିୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭାସିନୀ ଦାଶ, କମଳାକାନ୍ତ ମହାନ୍ତି, ସୌଦାମିନୀ ମିଶ୍ର, ସତ୍ୟପ୍ରିୟ ମହାନ୍ତି, ବ୍ରଜେନ୍ଦ୍ର ଦାଶ, ଅଜୟ ପାଣି, ଗୀତାଞ୍ଜଳି ମହାରଣା, ସମୃଦ୍ଧି ମହାରଣା, ତପନ ସାହୁ, ସ୍ୱର୍ଣ୍ଣଲତା ଘଡେଇ, କବିତା ପ୍ରଧାନ, କୁଳମଣି ଦାସ, ପ୍ରିୟା ପାତ୍ର, ରାଜୀବ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗଦାଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ୯୦ ଦଶକ ସଙ୍ଗୀତରେ ଝୁମିଲେ ଦର୍ଶକ


କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

ରାଉରକେଲା, ୧।୭ (ଦିନେଶ ମିଶ୍ର)

ରାଉରକେଲା ସହରର ଅନ୍ୟତମ ସଙ୍ଗୀତ ଅନୁଷ୍ଠାନ ସୁଦିଙ୍ଗ ନୋଟ୍ସ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ନେଷ୍ଟାଲଜିକ୍ ନାଇଣ୍ଟିସ୍ ସେକ୍ଟର-୧୯ ସ୍ଥିତ ରାଉରକେଲା କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଗଦାଧର ସାହୁଙ୍କ ଅଧ୍ୟକ୍ଷତାରେ ଏହି ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ସଭାପତି ସନ୍ତୋଷ ଦାସ ଓ ସାଧାରଣ ସମ୍ପାଦକ ପ୍ରଦୀପ୍ତ ମହାନ୍ତଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାଇପଲ ସଲ୍ୟୁସନର ଅଧ୍ୟକ୍ଷ ପଞ୍ଚାନନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ବିଜୟ ସେଠୀ, ଖଦାଳ ସେଠୀ, କ୍ଲିନ ଆଣ୍ଡ ଗ୍ରୀନର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଫିରୋଜ ଅହମ୍ମଦ ଓ ମଧୁଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବା ଏହି ସଙ୍ଗୀତ ସନ୍ଧ୍ୟାରେ ମାଷ୍ଟର ଉଦୟ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ସତ୍ୟ ମହାନ୍ତି, ଅଶୋକ ପଟେଲ, ସୋନାଲି ରଥ, ମୀନତି ତ୍ରିପାଠୀ, ଶ୍ରାବଣୀ, ମୀନାକ୍ଷୀ ସୂତାର, ସୌମୁମୀ ଆଚାର୍ଯ୍ୟ, ସୀମା ପ୍ରମୁଖ ୯୦ ଦଶକର ସୁପରହିଟ୍ ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ସଙ୍ଗୀତପ୍ରେମୀ ଯୋଗଦେଇ ୯୦ ଦଶକର ସୁପରହିଟ୍ ସଙ୍ଗୀତ ତାଳେ ତାଳେ ଝୁମିଥିଲେ। ଅଶ୍ୱନୀ ସିଂ ଓ ରାମ ମହନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଷ୍ଠୀଭିତ୍ତିକ ସଚେତନତା ସଭା ଉଦ୍‌ଯାପିତ

ରାଉରକେଲା, ୧।୭ (ଦିନେଶ ମିଶ୍ର)

ବିଶ୍ରା ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଟାଟା ପାୱାର ପଶ୍ଚିମାଞ୍ଚଳ ଶାଖା ସହାୟତାରେ ଏବଂ ଶ୍ରଦ୍ଧା ଆନୁକୂଲ୍ୟରେ ଭିନ୍ନକ୍ଷମଙ୍କ ଅଧିକାର ଉପରେ ଗୋଷ୍ଠୀ ଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏନଆଇଟିର ଆସୋସିଏଟ୍ ପ୍ରଫେସର ଡ. ରାମକୃଷ୍ଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନେ ପରିବାର, ସମାଜ ଓ ସରକାରଙ୍କ ବ୍ୟବସ୍ଥାରୁ ସହଯୋଗ ପାଇଲେ ନିଶ୍ଚିତ ଉପକୃତ ହେବେ ବୋଲି ମତ ପ୍ରକାଶ କରିଥିଲେ। ଅଭିଭାବକ ସଂଘର ଉପସଭାପତି ଗଗନ ବିହାରୀ ଧଳ ଭିନ୍ନକ୍ଷମଙ୍କୁ ସମାଜରମୁଖ୍ୟ ସୋତ୍ରରେ ସାମିଲ କରିବା ପାଇଁ ଗୋଷ୍ଠୀ ବା ବିଭିନ୍ନ ବର୍ଗର ସରପଞ୍ଚ, ୱାର୍ଡମେମ୍ବର, ଅଙ୍ଗନୱାଡି, ଆଶାକର୍ମୀ, ଶିକ୍ଷକ ଓ ସବୁ ସମ୍ପ୍ରଦାୟର ଲୋକମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରଦ୍ଧାର ସ୍ୱୟଂପ୍ରଭା ପାଣ୍ଡବ ଭିନ୍ନକ୍ଷମଙ୍କ ଆଇନ ଓ ଅଧିକାର-୨୦୧୬ ସମ୍ପର୍କିତ ଭିନ୍ନକ୍ଷମ ସଂରକ୍ଷଣ, ପ୍ରକଳ୍ପ ଓ ସୁବିଧାସୁଯୋଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଆରମ୍ଭରେ ଶ୍ରଦ୍ଧା ଅନୁଷ୍ଠାନର ଶିକ୍ଷୟିତ୍ରୀ ପ୍ରୀତି ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରୋଗାମ୍ ମ୍ୟାନେଜର ଅମୃତ ଆଚାର୍ଯ୍ୟ ରତ୍ନୁଲତା ମହାରଣା କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ବିଶ୍ରାବ୍ଲକରେ ଟାଟା ପାୱାର ପଶ୍ଚିମାଞ୍ଚଳ ଶାଖା ସହାୟତାରେ ଚାଲୁଥିବା ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମ୍ବିତା ସ୍ୱାଇଁ ଭିନ୍ନକ୍ଷମଙ୍କ ପ୍ରକାର କାରଣ ଓ ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ବିଶ୍ରା, ବଡଦଳକି, ସନ୍ତୋଷପୁର, କପାଟମୁଣ୍ଡା, ମନକୋ ଭଳି ବିଭିନ୍ନ ଅଞ୍ଚଳରୁ ୭୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ସହ ବହୁ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀ ଅଂଶ ଗ୍ରହଣ କରିଥିଲେ। ଶେଷରେ ପ୍ରକଳ୍ପର ପରିଚାଳକ ଅମୃତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

# ସୁଶୀଳାବତୀ ମହିଳା କଲେଜରେ ନୂତନ ଫୌଜଦାରି ଆଇନ କର୍ମଶାଳା

ରାଉରକେଲା, ୧।୭ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ ସଭାଗୃହଠାରେ ସୋମବାର ନୂତନ ଫୌଜଦାରୀ ଆଇନ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା,ଭାରତୀୟ ସାକ୍ଷ୍ୟ ଅଧିନିୟମ ଓ ଭାରତୀୟ ନ୍ୟାୟ ସଂହିତା-୨୦୨୩ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। କର୍ମଶାଳା ଏକ୍ସଟ୍ରାମେନ୍ୟୁଆଲ ସେମିନାର ସେଲ ଏବଂ ରେଞ୍ଜର ୟୁନିଟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। କର୍ମଶାଳାରେ ସହରର ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଫୌଜଦାରୀ ଆଇନ ଉପରେ କହିଥିଲେ। ପରେ କର୍ମଶାଳାରେ ସମ୍ମିଳିତ ଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନାଦିର ଉତ୍ତର ଦେଇଥିଲେ ମହାପାତ୍ର। ଏହି କର୍ମଶାଳାକୁ ପରିଚାଳନା କରିଥିଲେ ଅଧ୍ୟାପିକା ରେବା ପାଣିଗ୍ରାହୀ। ପ୍ରଧ୍ୟାପକ ମାନସ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷା ଇପସିବା ଏକ୍କା ସହ ଅଧ୍ୟାପିକା ଅଧ୍ୟାପକ ମଧ୍ୟ ସାମିଲ ଥିଲେ। ଅଧ୍ୟାପିକା ଦୀପକା ମାଝି ଓ ବବିତା ଟୁଡୁ କର୍ମଶାଳାରେ ସହଯୋଗୀତା କରିଥିଲେ। ଏହି ଉପଲକ୍ଷେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ନୂତନ ଆପରାଧିକ ଆଇନ ସଚେତନତା କର୍ମଶାଳା

ରାଉରକେଲା, ୧।୭ (ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ନୂତନ ଅପରାଧିକ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ନୂଆ ଆଇନରେ ବ୍ୟବସ୍ଥା କରାଯାଇଛି, ସମସ୍ତ ଏତଲାକୁ ଇ-ରେଜିଷ୍ଟର, ତଲାସୀ ଓ ରେଡର ଭିଡିଓଗ୍ରାଫି କରାଯିବ,୩ ଦିନ ମଧ୍ୟରେ ଏଫ୍‌ଆଇଆର୍ ଓ ୯୦ଦିନ ମଧ୍ୟରେ ଯାଞ୍ଚ କରାଯିବ ବୋଲି ଡିଆଇଜି ରାୟ କହିଛନ୍ତି। ଏଥିରେ ବରିଷ୍ଠ ନାଗରିକ ମଞ୍ଚ ଓ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ। ସେହିପରି ପ୍ରତ୍ୟେକ ଥାନାରେ ଏହି ସଚେତନତା ମୂଳକ କର୍ମଶାଳା କରାଯାଇଛି।

# ଅଭିଯୋଗ ପରେ ଡ୍ରେନ୍ ସଫେଇ କଲେ

ରାଉରକେଲା, ୧।୭ (ଦିନେଶ ମିଶ୍ର)

ସହରରେ ବର୍ଷାର ପ୍ରଭାବ ଜାରି ରହିଥିବାବେଳେ ଚଳିତ ବର୍ଷ ଆର୍‌ଏମ୍‌ସି ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଡ୍ରେନେଜ ସଫେଇ ହୋଇନାହିଁ। ଫଳରେ ସହରରେ ଥିବା ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳର ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ.୧୯ ମାଲଗୋଦାମ ଅଞ୍ଚଳର ବସ୍ତିବାସୀ ଆରଏମ୍‌ସିର ଉପଆୟୁକ୍ତଙ୍କୁ ସୋମବାର ଭେଟି ଉକ୍ତ ଅଞ୍ଚଳରେ ଥିବା ବିଭିନ୍ନ ଡ୍ରେନେଜକୁ ସଫେଇ କରିବାକୁ ଦାବି କରିଥିଲେ। ମାଲଗୋଦାମ ଅଞ୍ଚଳରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ମୁଖ୍ୟ ନାଳ ରହିଛି। ଏହି ନାଳ ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ଆରଏମ୍‌ସି ପକ୍ଷରୁ ସଫେଇ ହୋଇଥାଏ। ଚଳିତ ବର୍ଷ ଏହି ନାଳ ଗୁଡିକ ସଫା ହୋଇ ନ ଥିବାରୁ ବିଭିନ୍ନ ସମୟରେ ନାଳରେ ପାଣି ଜମି ରହୁଛି। ଫଳରେ ମଶା, ମାଛି ବଂଶ ବିସ୍ତାର କରି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ବର୍ଷାଦିନେ ନାଳପାଣି ରାସ୍ତାରେ ଭାସୁଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି ବୋଲି ବସ୍ତିବାସୀ ଉପଆୟୁକ୍ତଙ୍କୁ ଅବଗତ କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଡାକି ଡ୍ରେନଜ ବ୍ୟବସ୍ଥାର ତୁରନ୍ତ ସମାଧାନ କରିବୁ ବୋଲି ଆର୍‌ଏମସି ଉପଆୟୁକ୍ତ ଅନିତା ନାୟକ କରିଥିଲେ। ସୋମବାର ଅପରାହ୍ନରେ ଆରଏମ୍‌ସି ଡ୍ରେନେଜ ବିଭାଗର ସଫେଇ କର୍ମଚାରୀମାନେ ମାଲଗୋଦାମ ବସ୍ତିକୁ ଯାଇ ସ୍ଥାନୀୟ ଲୋକଙ୍କ ସହ ବସ୍ତିରେ ଥିବା ନାଳ ଗୁଡିକର ସ୍ଥିତି ଅନୁଧ୍ୟାନ କରିବା ପରେ ସଫେଇ କରିଥିଲେ। ଏଥିରେ ନିଲମ ଖେସ୍, ସବୀର ତନ୍ତୀ, ଶୂନ ପଟ୍ଟନାୟକ, ରଞ୍ଜନ ସାହୁ, କ୍ଷେତ୍ରୀଦୀପ ମୁଣ୍ଡା, ଗଣେଶ ପ୍ରଧାନ, ସୁଷମା ମିଞ୍ଜଙ୍କ ସହ ବହୁ ବସ୍ତିବାସୀ ଉପସ୍ଥିତ ଥିଲେ।


ବସ୍ତିରେ ଥିବା ନାଳଗୁଡ଼ିକୁ ସଫା କରାଯାଉଛି।

# ସାଧାରଣ ଲୋକଙ୍କ ଉତ୍ଥାନରେ ଡାକ୍ତରଙ୍କ ଅବଦାନ ଅତୁଳନୀୟ

ରାଉରକେଲା, ୧।୭ (ବିପ୍ଳବ ରଞ୍ଜନ ଦାଶ)


ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ସମ୍ବର୍ଦ୍ଧିତ ହେଉଛନ୍ତି।

ଆର୍‌ଏସପି ପରିଚାଳିତ ଆଇଜିଏଚରେ ଇଣ୍ଡିଆନ ମେଡିକାଲ ଆସୋସିଏଶନ ରାଉରକେଲା ଶାଖା ସହଭାଗିତା କ୍ରମେ ସୋମବାର ଡାକ୍ତର ଦିବସ ପାଳିତ ହୋଇଯାଇଛି। ଦିବସ ପାଳନ କାର୍ଯ୍ୟକ୍ରମରେ ଆରଏସପିର ଭାରାପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଡା. ଏନ.ପି ସାହୁ ଯୋଗ ଦେଇଥିଲେ। ଅନ୍ୟ ଆମନ୍ତ୍ରିତ ଅତିଥିମାନେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ତଥା ଇଣ୍ଡିଆନ ମେଡିକାଲ ଆସୋସିଏଶନ ରାଉରକେଲା ଶାଖା ସଭାପତି ଡା. ପି.କେ ମହାପାତ୍ର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ.ଆର ସୂର୍ଯ୍ୟବଂଶୀ,ପ୍ରକଳ୍ପ ବିଭାଗର ଅତିରିକ୍ତ ଲାଭ ଓ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର,ବିତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ.କେ ବେହୁରୀଆ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍ପିଟାଲର ନେଫ୍ରୋଲୋଜୀ ବିଭାଗର ଡା. ଶୁଭ୍ରାଂଶୁ ଶେଖର ଜେନା ଓ ନ୍ୟୁରୋ ସର୍ଜରୀ ବିଭାଗର ଡା. ଅମିତ କୁମାର ଚାନ୍ଦୁକା ବକ୍ତାଭାବେ ଯୋଗ ଦେଇଥିଲେ। ଏଥିରେ ଆଇଜିଏଚର ଡାକ୍ତର, ଅବସରପ୍ରାପ୍ତ ଡାକ୍ତର,ସୁପର ସ୍ପେଶାଲିଷ୍ଟ ହସ୍ପିଟାଲର ଡାକ୍ତର, ଡିଏନବି ଡାକ୍ତର ଏବଂ ଆଇଏମଏ ସହିତ ଅନୁବନ୍ଧିତ ଇସ୍ପାତ ସହରର ବହୁ ସଂଖ୍ୟକ ଡାକ୍ତର ଯୋଗଦେଇଥିଲେ। ସମାବେଶକୁ ଭୌମିକ ସମ୍ବୋଧିତ କରି ରୋଗୀଙ୍କ ପ୍ରତି ଡାକ୍ତରଙ୍କ ଉତ୍ସର୍ଗୀକୃତତା ଓ ପ୍ରତିବଦ୍ଧତାକୁ ପ୍ରଶଂସା କରି କହିଥିଲେ, ମଣିଷର ଉତ୍ଥାନରେ ଡାକ୍ତରମାନଙ୍କ ଅବଦାନ ସର୍ବଦା ଅତୁଳନୀୟ। ଆଇଜିଏଚକୁ ଆସୁଥିବା ପ୍ରତ୍ୟେକ ରୋଗୀ ସର୍ବୋଚ୍ଚ ସ୍ତର ଚକିତ୍ସା ଲାଭ କରିବା ସୁନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ। ପରେ ଡା. ଏନ.ପି ସାହୁ ବିଶେଷ କରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ସୃଷ୍ଟି ହେଉଥିବା କେତେକ ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନ୍ୟୁରୋସର୍ଜନ ବରିଷ୍ଠ ଆଇଏମଏ ଚିକିତ୍ସକ ଡ. ଆର.ଏନ ମହାପାତ୍ର ଓ ପାଥୋଲୋଜିଷ୍ଟ ଡା. ସଂଘମିତ୍ରା ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥିଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ଏଥିସହ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ପୀତବାସ ମିଶ୍ର ଓ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡି.ଆର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ମରାମର୍ଶଦାତା ଆଇଏମଏ ରାଉରକେଲା ଶାଖାର ସଚିବ ଡା. ଜେ.ଆର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଆରଜିଏଚ ଉପ ସିଏମଓ ଡା. ଲିଜା ଦେଓ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ସ୍କୁଲ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ଦେବଗଡ଼, ୧।୭(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ଚର୍ଚ୍ଚସାହିର ଜଣେ ସ୍କୁଲ ଛାତ୍ରଙ୍କ ସୋମବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଯାତ୍ରା ସୋନେଲଙ୍କ ପୁଅ ମିକି(୧୩)। ସେ ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ଯାତ୍ରା ଚେନ୍ନାଇରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଚର୍ଚ୍ଚସାହି ଘରେ ତାଙ୍କ ସ୍ତ୍ରୀ ଦୁଇ ପିଲାଙ୍କ ସହ ରହୁଥିଲେ। ସକାଳେ ଯାତ୍ରାଙ୍କ ସ୍ତ୍ରୀ ଦେବଗଡ଼ସ୍ଥିତ ଚିନ୍ମୟ ବିଦ୍ୟାଳୟରେ ପଢୁଥିବା ଝିଅକୁ ଛାଡିବାକୁ ଯୋଗେ ଯାଇଥିଲେ। ଫେରିଲା ବେଳକୁ ସ୍କୁଲ ଡ୍ରେସ ପିନ୍ଧିଥିବା ଅବସ୍ଥାରେ ମିକି ଚେତାଶୂନ୍ୟ ହୋଇ ପଡିଥିବା ଦେଖିଥିଲେ। ମିକିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆଦର୍ଶ ଥାନା ପୋଲିସ ମୃତଦେହ ଜବତ କରିଛି। ମିକିଙ୍କ ବାପା ଚେନ୍ନାଇରୁ ଫେରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ମିକିଙ୍କର ମୃତ୍ୟୁ ଘଟିଲା ତାହା ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୧।୭(ସଞ୍ଜୟ ମାଲି)

ଝାରସୁଗୁଡ଼ା କଲେକ୍ଟର ଅବୋଲି ସୁନୀଲ ନରୱାଣେଙ୍କ ଆହ୍ୱାନରେ 'ଏକ ଗଛ ମା'ଙ୍କ ନାମେ' କାର୍ଯ୍ୟକ୍ରମ ଏବଂ ବନ ମହୋତ୍ସବ ସପ୍ତାହର ଉପଲକ୍ଷେ ସୋମବାର 'ଠାକୁର ପ୍ରସାଦ ସାଓ ଏଣ୍ଡ ସନ୍ସ'ର ଲହଣ୍ଡାବୁଡସ୍ଥିତ ସଂଯନ୍ତ୍ରର ତତ୍ତ୍ୱାବଧାନରେ ଝାରସୁଗୁଡା ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ବୃକ୍ଷାରୋପଣ କରି ବନମହୋତ୍ସବ ସପ୍ତାହ ଉଦ୍‌ଘାଟନ କରାଯାଇଛି। ଠାକୁର ପ୍ରସାଦ ସାଓ ଏଣ୍ଡ ସନ୍ସର ସମସ୍ତ କର୍ମଚାରୀ ପରିବେଶ ପ୍ରତି ନିଜର ପ୍ରତିବଦ୍ଧତା ନିଭାଇ ବହୁ ପରିମାଣରେ ବୃକ୍ଷାରୋପଣ କରିଥିଲେ। ଏହି ପ୍ରଚେଷ୍ଟା ମାଧ୍ୟମରେ ଠାକୁର ପ୍ରସାଦ ସାଓ ଏଣ୍ଡ ସନ୍ସ ପରିବେଶ ସଂରକ୍ଷଣ ପ୍ରତି ନିଜର କର୍ତ୍ତବ୍ୟକୁ ପୂରଣ କରିବାକୁ ଏବଂ ଝାରସୁଗୁଡାକୁ ଏକ ସବୁଜ ଏବଂ ସ୍ୱାସ୍ଥ୍ୟ ସ୍ଥାନ କରିବାର ଦିଗରେ କାମ କରିବାକୁ ପ୍ରତିବଦ୍ଧ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରେ ପ୍ରତିବର୍ଷ ବୃକ୍ଷରୋପଣ କରାଯାଏ। ସମସ୍ତ କର୍ମଚାରୀଙ୍କୁ ନିଜ ଘର ପାଖରେ ବୃକ୍ଷାରୋପଣ କରିବା ପାଇଁ ପ୍ରେରିତ କରାଯାଏ, ଫଳରେ ପରିବେଶ ସଂରକ୍ଷଣ ପ୍ରତି ସମସ୍ତଙ୍କ ଯୋଗଦାନ ସୁନିଶ୍ଚିତ ହୋଇପାରିବ।

### ଆଇନ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୧।୭(ବି.ଶଙ୍କର)

ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ବୁର୍ଲା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଅନିଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସୋମବାରଠାରୁ ସାରା ଦେଶରେ ଲାଗୁ ହୋଇଥିବା ନୂଆ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ ଅଧିନିୟମ ସମ୍ପର୍କିତ ଆଇନର ବିଭିନ୍ନ ଦିଗ ନେଇ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୁର୍ଲା ସହରର ସଚେତନ ନାଗରିକ ସୁରେଶ ପଣ୍ଡା, ଜୟନ୍ତ ଦାଶ, ଦେବେନ୍ଦ୍ର ପ୍ରଧାନ, ଅଶୋକ ସାହୁଙ୍କ ସମେତ ବୁର୍ଲା ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ନିହାଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୋଗ ଶୁଣିଲେ, ସମାଧାନ ପାଇଁ ନିର୍ଦ୍ଦେଶ ଦେଲେ

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୧।୭ (ଶଶାଙ୍କ ଶେଖର ଝାଙ୍କର)



ଆୟୋଜିତ ଅଭିଯୋଗ ଶୁଣାଣି ଶିବିର।

ନୂତନ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଆସିଥିବା ୨୧ଟି ଅଭିଯୋଗ ଶୁଣାଣି କରି ଏହା ଉପରେ ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ୧୫ଟି ବ୍ୟକ୍ତିଗତ ସମସ୍ୟା ଏବଂ ୦୬ଟି ସାମୁହିକ ସମସ୍ୟା ରହିଥିଲା। ଡେନେଜ ମରାମତି, ବିଦ୍ୟୁତ୍ ସମସ୍ୟା, ଜମିର ପଟ୍ଟା ଓ ଶିକ୍ଷକ ନିଯୁକ୍ତି ଉପରେ ଜନସାଧାରଣ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗଗୁଡ଼ିକ ଶୁଣିବା ପରେ ଏଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିବାହ ପ୍ରତ୍ସାହନ ରାଶି ଜଣେ ଭିନ୍ନକ୍ଷମ ବ୍ୟକ୍ତି ଅନ୍ୟ ଜଣେ ସାଧାରଣ ବ୍ୟକ୍ତିଙ୍କୁ ବିବାହ କଲେ ତାଙ୍କୁ ୨,୫୦,୦୦୦ ଅର୍ଥ ରାଶି ଜସ୍ମୀନ ନାଏକ ତାଳକୁଣ୍ଡି, ମନ୍ଦାକିନୀ ଭୋଇ ସୁବର୍ଣ୍ଣପାଲି, ଲୋକନାଥ ପ୍ରଧାନ ନୂଆଁଗା ଡମ୍ବରୁଧର ମାଝି ଜରିଛାକୁଣ୍ଡାପାଳଙ୍କୁ ଅତିରିକ୍ତ ଜିଲାପାଳଙ୍କ ଦ୍ୱାରା ଅର୍ଥରାଶି ଚେକ ପ୍ରଦାନ କରାଯାଇଥିଲା। ଶିବିର ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ତହସିଲଦାର କର୍ଣ୍ଣ ମଲ୍ଲିକ ଓ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଆପରାଧିକ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୧।୭(ଶଶାଙ୍କ ଶେଖର ଝାଙ୍କର)

ସମଗ୍ର ଦେଶରେ ସୋମବାରଠାରୁ କାର୍ଯ୍ୟକାରୀ ହେଉଥିବା ୩ ଅପରାଧିକ ଆଇନ ସମ୍ପର୍କରେ ଦେବଗଡ ସ୍ୱତନ୍ତ୍ର ଉପ କାରାଗାରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାରା ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଓ ଦେବଗଡ ସ୍ୱତନ୍ତ୍ର ଉପ କାରାଗାର ଅଧୀକ୍ଷକ ବିକାଶ କୁମାର ସାହୁଙ୍କ ତତ୍ତ୍ୱାବଦାନରେ କାରାଗାରର ଅନ୍ତେବାସୀମାନଙ୍କୁ ନେଇ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଆଇନଜୀବୀ ମନୋଜ କୁମାର ପାଢୀ, ପୂର୍ଣ୍ଣଚନ୍ଦ୍ର ବୁଢା ଓ ରଞ୍ଜନ କୁମାର ସାହୁ ଉପସ୍ଥିତ ରହି ତିନି ନୂତନ ଅପରାଧିକ ଆଇନ ଯଥା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ନ୍ୟାୟ ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଉପରେ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ସେମାନେ ଉପରୋକ୍ତ ତିନି ଆଇନ ଲଙ୍କଙ୍କର ହେବା ସହ ଟେକ୍ନୋଲୋଜି ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇଥିବାରୁ ଜନସାଧାରଣ ଶୀଘ୍ର ନ୍ୟାୟ ପାଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ଜେଲର ସରିତା ସାଏ, ସବ ଆସିଷ୍ଟାଣ୍ଟ ଜେଲର ଡୋଳାନନ୍ଦ ସାହୁ, ଫାର୍ମାସିଷ୍ଟ ସ୍ନିଗ୍ଧା ସାହୁ, କାରାରକ୍ଷୀ ସଂକୀର୍ତ୍ତନ ସାହୁ, ମନ୍ଦରଧର ପ୍ରଧାନ ଓ ସୁମାଂଶୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।




ନୂତନ ଆଇନ ସମ୍ପର୍କରେ ସୂଚନା ଦିଆଯାଉଛି।

# ବୁର୍ଲା ଭିସୁଟର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଉତ୍ସବରେ ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର, ୧।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ୧୬ତମ ପ୍ରତିଷ୍ଠା ଦିବସ ସହ ବୁର୍ଲା ଇଞ୍ଜିନିୟରିଂ କଲେଜର ୬୯ତମ ପ୍ରତିଷ୍ଠା ଉତ୍ସବ ସୋମବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ବଂଶୀଧର ମାଝି ବିଶ୍ୱବିଦ୍ୟାଳୟର ଗୌରବମୟ ଇତିହାସ ବିଷୟରେ ଆଲୋଚନା କରିଥିଲେ। ମଣିଷ ସମାଜର ଉନ୍ନତି ପାଇଁ ଗବେଷଣା କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ବିଶ୍ୱବିଦ୍ୟାଳୟରେ ଶିକ୍ଷାର ମାନ ବୃଦ୍ଧି ପାଇଁ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ମିଳିତ ଭାବେ ପ୍ରୟାସ କରିବାକୁ ଆହ୍ୱାନ କରିଥିଲେ। ଏହାଦ୍ୱାରା ନାକ ଏକ୍ରିଡେସନ୍ ଏବଂ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ଭିସୁଟ ନିଜର ସ୍ଥାନ ହାସିଲ କରିପାରିବ ବୋଲି କୁଳପତି କହିଥିଲେ। ୧୯୫୬ ମସିହାରେ ସ୍ଥାପିତ ହୋଇଥିବା ବୁର୍ଲା ଇଞ୍ଜିନିୟରିଂ କଲେଜ ପରବର୍ତ୍ତୀ ସମୟରେ ୨୦୦୯ମସିହାରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ନାମରେ ମାନ୍ୟତା ପାଇଥିଲା। ସମ୍ବଲପୁର ସ୍ଥିତ ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟନାୟକ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇଥିଲେ। ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ଆଭାସୀ ଜରିଆରେ ଶୁଭେଚ୍ଛା ଜଣାଇଥିଲେ। ଭିସୁଟକୁ ବିଶ୍ୱସ୍ତରୀୟ ମାନ୍ୟତାକୁ ଉନ୍ନୀତ କରିବାକୁ ଉଦ୍ୟମ କରାଯାଇଥିବାରୁ କେନ୍ଦ୍ରମନ୍ତ୍ରୀ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଛନ୍ତି।

### ସ୍ୱାସ୍ଥ୍ୟ ସେବା ଶିବିର

ଝାରସୁଗୁଡ଼ା, ୧।୭(ସଞ୍ଜୟ ମାଲି)

ଇଣ୍ଡିଆନ ମେଡିକାଲ ଆସୋସିଏଶନ ଝାରସୁଗୁଡା ଶାଖା, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟେଡ ଆକାଉଣ୍ଟାଣ୍ଟ ଏବଂ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଝାରସୁଗୁଡା ଶାଖା ମିଳିତ ଆନୁକୂଲ୍ୟରେ ସହରସ୍ଥିତ ମାଲିମୁଣ୍ଡା ଗ୍ରାମ ସମ୍ପ୍ରଦାୟ କେନ୍ଦ୍ର (୨ ସରକାରୀ ଉଚ୍ଚ ବିଦ୍ୟାଳୟ) ନିକଟରେ ସୋମବାର ସକାଳ ୯ଟାରେ ଲୋକଙ୍କ ପାଇଁ ବିନା ମୂଲ୍ୟରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଉକ୍ତ ଗ୍ରାମ ତଥା ଆଖପାଖ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରାଯାଇ ବିନା ମୂଲ୍ୟରେ ଉପଯୁକ୍ତ ଔଷଧ ପ୍ରଦାନ କରାଇଯାଇଥିଲା। ଏହି ଶିବିରରେ ଜିଲାର ସର୍ଜରୀ ବିଶେଷଜ୍ଞ ଡକ୍ତର ଆର.କେ. ଯୋଶୀ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ତର ଏସ.ଜେ. ପଟେଲ, ଔଷଧ ବିଶେଷଜ୍ଞ ଡକ୍ତର ଜିଆ ଉଲ ହାକ ଓ ଡକ୍ତର ଏସ.କେ. ଲାଠ, ଦାନ୍ତ ରୋଗ ବିଶେଷଜ୍ଞ ଡକ୍ତର ପି.କେ. ପଣ୍ଡା ଓ ଡକ୍ତର ଡୋଲି ଲାଠ, ଚକ୍ଷୁ ରୋଗ ବିଶେଷଜ୍ଞ ଡକ୍ତର ଡି.କେ. ପଟ୍ଟନାୟକ ଏବଂ ଶିଶୁ ରୋଗ ବିଶେଷଜ୍ଞ ଡକ୍ତର ସାଇ କିରଣ ଦଳାଇ ପ୍ରମୁଖ ଯୋଗଦେଇ ଲୋକଙ୍କ ଚିକିତ୍ସା କରିଥିଲେ।

# ୨.୨୫ଲକ୍ଷ ସିଡ୍‌ସ ବଲ ପ୍ରସ୍ତୁତି ଲକ୍ଷ୍ୟ

## ହିଣ୍ଡାଲ୍‌କୋ ହୀରାକୁଦ ଦ୍ୱାରା ବନୀକରଣ ଲାଗି ମାଟିଗୁଳା ମଞ୍ଜି କାର୍ଯ୍ୟକ୍ରମ



ହିଣ୍ଡାଲକୋ ହୀରାକୁଦ ଦ୍ୱାରା ଅଞ୍ଚଳର ବନୀକରଣ ପାଇଁ ମାଟି ଗୁଳା ମଞ୍ଜି (ସିଡ୍‌ସ ବଲ) ପ୍ରସ୍ତୁତ କରାଯାଉଛି।

ସମ୍ବଲପୁର, ୧।୭(ବି.ଶଙ୍କର)

ହିଣ୍ଡାଲ୍‌କୋ ହୀରାକୁଦ ଦ୍ୱାରା ଅଞ୍ଚଳର ବନୀକରଣ ପାଇଁ ମାଟି ଗୁଳା ମଞ୍ଜି (ସିଡ୍‌ସ ବଲ) ମାଧ୍ୟମରେ ଏକ ନୂତନ ପ୍ରୟାସ ସୋମବାର କରାଯାଉଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜଙ୍ଗଲ ବିଭାଗ ଓ ହିଣ୍ଡାଲକୋ ମିଳିତ ସହଯୋଗରେ ୨ଲକ୍ଷ ୨୫ହଜାର (ସିଡ୍‌ସ ବଲ) କରିବା ପାଇଁ ପ୍ରୟାସ ଜାରି ରହିଛି। ଏଥିରେ ହିଣ୍ଡାଲକୋ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନଏସଏସର ୫୦ସ୍ୱେଚ୍ଛାସେବୀ ସାମିଲ ଥିଲେ। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗ ମୁଖ୍ୟ ସୁମନ୍ତ କେରକେଟା, ହିଣ୍ଡାଲକୋ ସିଏସଆର ବିଭାଗର ସୁକାନ୍ତ ମହାପାତ୍ର, ଜୀତେଶ ରଥଙ୍କ ନେତୃତ୍ୱରେ ସିଡି ବଲ ପ୍ରସ୍ତୁତ ହୋଇଛି। ଏହି ମାଟି ଗୁଳା ମଞ୍ଜି ଭିତରେ ପିଜୁଳି, ବାଉଁଶ, ଅଁଳା, ଜାମୁକୋଳି ମଞ୍ଜି ରୋପଣ କରାଯାଇଛି। ଏହିଭଳି ୧୦ଟି ବିଭିନ୍ନ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ ସ୍ୱେଚ୍ଛାସେବୀଙ୍କୁ ନେଇ ବାକିଥିବା ୨ଲକ୍ଷ ୨୫ହଜାର ମଞ୍ଜି ମାଟି ଗୁଳା ପ୍ରସ୍ତୁତ କରାଯାଇ ବୁଢାରଜା ପାହାଡ ତଥା ଅନ୍ୟାନ୍ୟ ଅଞ୍ଚଳରେ ବୁଣାଯିବ।

# ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ସମ୍ବଲପୁର, ୧।୭(ବି.ଶଙ୍କର)



ଆୟୋଜିତ ଶିକ୍ଷକ ସମ୍ବର୍ଦ୍ଧନା ସଭାରେ ଅତିଥି, ବକ୍ତା ଓ ଆୟୋଜକ।

ସମ୍ବଲପୁର ସହରସ୍ଥିତ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ସୋମବାର ଶିକ୍ଷକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜିଲାର ପ୍ରାକ୍ତନ ଶିକ୍ଷା ମଣ୍ଡଳାଧୀଶ ଡ. ଗିରିଧାରୀ ହୋତା, ପ୍ରାକ୍ତନ ଜିଲା ଶିକ୍ଷା ଅଧିକାରୀ ଡ.ପ୍ରମୋଦ କୁମାର ପଣ୍ଡା, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଉଦିତ ଚନ୍ଦ୍ର ପାଟଯୋଶୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହିପାଳ ସ୍ୱାଇଁ, ଅବସରପ୍ରାପ୍ତ ସମ୍ବଲପୁର ବେତାର କେନ୍ଦ୍ରର ଉଦ୍‌ଘୋଷକ କୃଷ୍ଣଚନ୍ଦ୍ର କନ୍ଧେର, ପୁରାତନ ଛାତ୍ର ରମେଶ କୁମାର ସାହା, ସୁକାନ୍ତ କର ଓ ଗୌତମ ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ଅଠତିରିଶ ବର୍ଷ ବ୍ୟାପୀ ଏହି ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଭାବେ ହରି ନାରାୟଣ ପଣ୍ଡା ନିଷ୍ଠାର କାର୍ଯ୍ୟ କରି ଗତ ଜୁନ ୩୦ରେ ଅବସର ଗ୍ରହଣ କରିଛନ୍ତି। ତେଣୁ ସୋମବାର ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ, ଛାତ୍ରୀଛାତ୍ରୀମାନେ ଉପସ୍ଥିତ ରହି ସଂସ୍କୃତ ଶିକ୍ଷକ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପୁରାତନ ଶିକ୍ଷକମାନଙ୍କ ମଧ୍ୟରେ ସେ ହେଉଛନ୍ତି ଶେଷ ଶିକ୍ଷକ। ବିଦ୍ୟାଳୟ ପ୍ରତି ସେ ଅକୁଣ୍ଠ ସହଯୋଗ ପ୍ରଦାନ କରିଛନ୍ତି ବୋଲି କହି ଅତିଥିମାନେ ସ୍ମୃତିଚାରଣ କରିଥିଲେ। ଶିକ୍ଷକ କାର୍ଯ୍ୟରୁ ଅବସର ନିଅନ୍ତି ସତ। କିନ୍ତୁ ପ୍ରତି ମୁହୂର୍ତ୍ତରେ ଶିକ୍ଷାଦାନ କରିବାକୁ ଆଗ୍ରହୀ ରହନ୍ତି। ତେଣୁ ଜୀବନର ଶେଷ ବିନ୍ଦୁ ପର୍ଯ୍ୟନ୍ତ ଶିକ୍ଷାଦାନ ସକାଶେ ଶିକ୍ଷକମାନେ ସଂଗ୍ରାମ ଜାରି ରଖିଥାନ୍ତି ବୋଲି ସଂସ୍କୃତ ଶିକ୍ଷକ ପଣ୍ଡା ତାଙ୍କ ବକ୍ତବ୍ୟରେ କହିଛନ୍ତି। ଶିକ୍ଷୟିତ୍ରୀ ଜୟନ୍ତୀ ହୋତାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମିଶ୍ର ଦ୍ୱାରା ରଚିତ ଗୁରୁବନ୍ଦନା ଗାନ କରିଥିଲେ। ଏଥିସହ ବିଦାୟୀଶିକ୍ଷକଙ୍କୁ ପଦଧୌତ ଓ ଫୁଲ, ଚନ୍ଦନ ଦେଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଉପସ୍ଥିତ ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକଙ୍କ ଜୀବନାଦର୍ଶ ଓ ବିଦ୍ୟାଳୟ ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ, ଅନୁବିନ୍ଦା ଦାଶ, ଶିକ୍ଷକ ପ୍ରଦୀପ କୁମାର ସାହୁ, ତନୟ କୁମାର ପ୍ରଧାନ, ଦେବଶ୍ରୀ ଦେହୁରୀ, ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ରଞ୍ଜିତା ରାଣୀ ହୋତା ଏକ କବିତା ପାଠ କରିଥିଲେ।

# ସମ୍ବଲପୁର ଟାଉନ ଥାନାରେ ଜିଲାର ପ୍ରଥମ ମାମଲା

ସମ୍ବଲପୁର, ୧।୭(ପ୍ରମୋଦ ବହିଦାର)

## ଲାଗୁ ହେଲା ୩ନୂତନ ଆପରାଧିକ ଆଇନ

ସମଗ୍ର ଦେଶରେ ଜୁଲାଇ ୧ ତାରଖରୁ ଲାଗୁ ହୋଇଛି ତିନୋଟି ନୂତନ ଆଇନ। ନୂତନ ଆଇନ ବଳରେ ସୋମବାର ସମ୍ବଲପୁର ଟାଉନ ଥାନାରେ ଜିଲାର ପ୍ରଥମ ମାମଲା ରୁଜୁ ହୋଇଛି। ମୁଦିପଡ଼ାର ତପନ କୁମାର ଜେନା ନାମକ ଜଣେ ବ୍ୟକ୍ତି ତାଙ୍କୁ ଦୁଇଜଣ ମାଡ଼ ମାରିଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରେ ଥାନାରେ ଦଫା ୧୨୬(୨), ୩୨୪(୨), ୧୦୯(୧), ୩(୫)ରେ ଏକ ମାମଲା(୨୭୫/୧।୭।୨୦୨୪) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁସାରେ ଜୁନ ୩୦ ଓ ଜୁଲାଇ ୧ ତାରିଖ ବିଳମ୍ବିତ ରାତିରେ ଜେନା ତାଙ୍କ ବାଇକ(ଓଆର୍-୦୨-ଜି-୧୯୯୧)ରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ସ୍କୁଟିରେ ସୌମ୍ୟ ପଣ୍ଡା ଓ ତାଙ୍କର ବନ୍ଧୁ ଆସି ଲକ୍ଷ୍ମୀଟକିଜ ଛକରେ ତାଙ୍କ ବାଟ ଓଗାଳିବା ସହ ଲାଠିରେ ମାଡ଼ ମାରିଥିଲେ। ଫଳରେ ତାଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଛି।

# ରକ୍ତଶିକୁଳି ନିରାକରଣ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼, ୧।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବାରକୋଟ ବ୍ଲକ ସଇଡା ଆଶ୍ରମ ସ୍କୁଲରେ ଆନିମିଆ ତଥା ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଆୟୋଜିତ ସଚେତନତା ଶୋଭାଯାତ୍ରା।

ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଶାନ୍ତିଲତା ଦଳ ଯୋଗଦେଇ ରକ୍ତହୀନତା ନିରାକରଣ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିବା ସହ କେନ୍ଦ୍ର ସରକାର ୨୦୪୭ ସୁଦ୍ଧା ଆନିମିଆ ରୋଗକୁ ହଟାଇବା ପାଇଁ ମିଶନ ଆରମ୍ଭ କରିଥିବା ଓ ସଚେତନତା ମାଧ୍ୟମରେ ଏହାକୁ ରୋକାଯିବା ପାଇଁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସିକିଲ ସେଲ ପରୀକ୍ଷା କରାଯିବା ସହ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ହାତରେ ସଚେତନତା ମୂଳକ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ସହିତ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଆନିମିଆ ତଥା ରକ୍ତ ଶିକୁଳିର ନିରାକରଣ ସମ୍ପର୍କରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ସେହିପରି ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆନିମିଆ ତଥା ରକ୍ତ ଶିକୁଳି ରକ୍ତହୀନତା ନିରାକରଣ ସମ୍ପର୍କୀତ ସୃଜନଶୀଳ ଲିଖନ, ଚିତ୍ରାଙ୍କନ ଓ ମୁରୁଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା।। କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷୟିତ୍ରୀ ପ୍ରଶାନ୍ତି ସାହୁ, ଲୁସ୍ନା ପ୍ରଧାନ ଓ ଭଗବତୀ ନାଏକଙ୍କ ସମେତ ଛାତ୍ରୀ ନିବାସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଅପରାଧୀଙ୍କୁ ଦଣ୍ଡବିଧାନ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବ

ସମ୍ବଲପୁର, ୧।୭(ପ୍ରମୋଦ ବହିଦାର)

## ଲାଗୁ ହେଲା ୩ ନୂତନ ଆପରାଧିକ ଆଇନ

ସମଗ୍ର ଦେଶରେ ଜୁଲାଇ ୧ ତାରଖରୁ ଲାଗୁ ହୋଇଛି ତିନୋଟି ନୂତନ ଆଇନ। ଦେଶର ନ୍ୟାୟ ବ୍ୟବସ୍ଥା ୧୮୬୦ ମସିହାରୁ ନିର୍ଭର କରି ଆସୁଥିବା ଇଂରେଜ ଶାସନ ଅମଳର ଆଇନକୁ ପରିବର୍ତ୍ତନ କରାଯାଇ ଲାଗୁ ହୋଇଛି ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ। ଏହି ନୂତନ ଆଇନ ବଳରେ କେବଳ ଅପରାଧିଙ୍କୁ ଦଣ୍ଡବିଧାନ ନୁହେଁ ବରଂ ପୀଡ଼ିତଙ୍କୁ ନ୍ୟାୟ ଦେବାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ବୋଲି ଆଇନଜୀବୀ ମହଲରେ ମତ ପ୍ରକାଶ ପାଇଛି।



"ଭାରତ ଭଳି ଏକ ବିଶାଳ ଭୂଖଣ୍ଡରେ ନାଗରିକଙ୍କୁ ସୁରକ୍ଷା ପ୍ରଦାନ ସହ ସାମାଜିକ ସ୍ଥିରତା ବଜାୟ ରଖିବା ପାଇଁ ବ୍ରିଟିଶ ଅମଳର ଆଇନରେ ପରିବର୍ତ୍ତନର ଆବଶ୍ୟକତା ଥିଲା। ଦେଶରୁ ଆପରାଧିକ ତତ୍ତ୍ୱଙ୍କୁ ସମୂଳେ ନାଶ କରିବା, ଆର୍ଥିକ ଅପରାଧ ନିୟନ୍ତ୍ରଣ କରି ଦେଶରେ ଶାନ୍ତି ପ୍ରତିଷ୍ଠା କରିବା ଦିଗରେ ଏହି ନୂତନ ଆଇନ ପ୍ରଣୟନ ହୋଇଛି। ତେବେ ବଡ଼କଥା ହେଲା ନୂତନ ଭାବେ ଲାଗୁ ହୋଇଥିବା ଆଇନରେ ଅପରାଧିଙ୍କୁ କେବଳ ଦଣ୍ଡବିଧାନ ନୁହେଁ ବରଂ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହା ଆପରାଧିକ ମନୋଭାବରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇ ପାରିବ।

- ପ୍ରଦୀପ କୁମାର ବହିଦାର, ପୂର୍ବତନ ସଭାପତି ଜିଲା ଓକିଲ ସଂଘ, ସମ୍ବଲପୁର



"ନୂତନ ଭାବେ ପ୍ରଣୟନ ହୋଇଥିବା ତିନି ଆଇନରେ ପୁରୁଣା ଆଇନରେ କିଛିଟା ପରିବର୍ତ୍ତନ କରାଯାଇଛି। ଏହାସହିତ ପୂର୍ବ ଆଇନରେ ରହିଥିବା ଧାରାକୁ ମଧ ହ୍ରାସ କରାଯାଇଛି। କେତେକ ଧାରାରେ କୋହଳ କରାଯାଇଥିବା ବେଳେ ଅନ୍ୟ କେତେକ ଧାରାକୁ କଡ଼ାକଡ଼ି କରାଯାଇଛି। ବିଶେଷ କରି ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧକୁ ଅଧିକ କଡ଼ାକଡ଼ି କରାଯାଇଛି। ଏହାଦ୍ୱାରା ସମାଜରେ ଅନ୍ତତଃ ସମାଜରେ ମହିଳା ଓ ଶିଶୁ ବିରୋଧି ହିଂସାକୁ ନିୟନ୍ତ୍ରଣ କରାଯାଇ ପାରିବ।

- ଆର୍ତ୍ତତ୍ରାଣ ମିଶ୍ର, ସରକାରୀ ଓକିଲ, ସମ୍ବଲପୁର



"ନୂତନ ଆଇନରେ ୧୭୫ଟି ଧାରା ସଂଶୋଧନ ହୋଇଛି। ଦେଶରେ ତତ୍କାଳୀନ ଆପରାଧିକ ସ୍ଥିତି ଅନୁସାରେ ପୁରୁଣା ଆଇନ ଲାଗୁ ହୋଇଥିଲା। ନୂତନ ଆଇନ ବଳରେ ଅନଲାଇନ ମାଧ୍ୟମରେ ଏତଲା ପଞ୍ଜିକରଣ ବ୍ୟବସ୍ଥା ହୋଇଛି। ଯଦ୍ୱାରା ଜଣେ ବ୍ୟକ୍ତ ଯେକୌଣସି ସ୍ଥାନରୁ ଯେକୌଣସି ଥାନାରେ ଏତଲା ଦେଇ ପାରିବେ। ଏହାବ୍ୟତ।ତ ଅଭିଯୁକ୍ତଙ୍କ ଅନୁପସ୍ଥିତିରେ ମଧ ଶୁଣାଣି ହୋଇ ପାରିବ। ଲାଗୁ ହୋଇଥିବା ଏହି ନୂତନ ଆଇନ ସାମ୍ପ୍ରତିକ ପରିସ୍ଥିତିରେ ଦେଶର ଅପରାଧ ଦମନରେ ଅନେକାଂଶରେ ସଫଳ ହେବ ବୋଲି ଆଶା କରିବା କଥା।

- ସତ୍ୟ ନାରାୟଣ ପଣ୍ଡା, ସଭାପତି ସମ୍ବଲପୁର ଜିଲା ଓକିଲ ସଂଘ

## ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ପରିସରରେ ନୂତନ ଭାବେ ପ୍ରଚଳିତ ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦେଓଗାଁ ଥାନାଧିକାରୀ ହରିବନ୍ଧୁ ଗଡତ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ, ଅଙ୍ଗନୱାଡି କର୍ମୀ, ସରପଞ୍ଚ, ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ । ନୂତନ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଥାନାଧିକାରୀ ସୂଚନା ଦେଇଥିଲେ ।



## ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟନ

ଟିଟିଲାଗଡ,୧।୭(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ବନାଞ୍ଚଳ ଅଧୀନରେ ଚଳିତବର୍ଷ ବ୍ୟାପକ ଚାରା ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସୋମବାର ବନ ମହୋତ୍ସବ ସପ୍ତାହ ଅବସରରେ ଏହାର ଶୁଭାରମ୍ଭ ହୋଇଛି। ଏନେଇ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଟିଲାଗଡ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ସୋମବାର ଠାରୁ ଦଶ ଦିନ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନକ୍ରମେ ଟଙ୍କାଟିଏରେ ଗୋଟିଏ ଲେଖାଏଁ ଚାରା ପ୍ରଦାନ କରାଯିବ। ଏହି ଅବସରରେ ଏକ ଚାରା ବଣ୍ଟନ ରଥ ବିଧାୟକ ପତକା ଦେଖାଇ ଶୁଭାରମ୍ଭ କରିଛନ୍ତି। ରଥଟି ବନାଞ୍ଚଳ ଅଧୀନ ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହ ଚାରା ବଣ୍ଟନ କରାଯିବ। ବୀରବର ସାହୁ, ବନପାଳ ସୁରେନ୍ଦ୍ର ମହାରଣା, ଅମରୀଶ ବୁଡ୍‌ଢେକ, ସୁଶିଲ ପୁଟା, ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର ଅଜୟ ମହାନ୍ତି, ବିକାଶ ଅଧିକାରୀ ଦିବାକର ପଧାନ, ବନରକ୍ଷୀ ନମିତା ତାଣ୍ଡି, ତପସ୍ୱିନୀ ରଣା, ସୁନିତା ମୁଣ୍ଡା, ପୀତାମ୍ବର ମାଝୀ, ଜ୍ୟୋତିରଞ୍ଜନ ବରଗଡ଼, ସଞ୍ଜୀବ କଟା, ହିମାଂଶୁ ବେହେରା, ଅନିଲ ଡୁଙ୍ଗଡୁଙ୍ଗ ପ୍ରମୁଖ ସାମିଲ ଥିଲେ।

# ନୂଆ ଆଇନରେ ତ୍ୱରିତ ନ୍ୟାୟ ମିଳିବ



ବଲାଙ୍ଗୀର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ପି ଓ ଅନ୍ୟମାନେ ।

### ବଲାଙ୍ଗୀର ଜିଲା ପୋଲିସ ଅଫିସରେ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର,୧।୭
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୋଲିସ କାର୍ଯ୍ୟାଳୟରେ ସୋମବାର ନୂଆ ଆଇନ କାର୍ଯ୍ୟକାରିତା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଏସପି ଖିଲାରି ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଆଇପିଏସ୍ ପ୍ରୋବେସନ୍ ଅଫିସର ଅମ୍ରିତ ପାଲ କୌର, ଜିଲା କୋର୍ଟ ରେଜିଷ୍ଟ୍ରର ଚରଣଜିତ୍ ଓରାମ୍ ଉପସ୍ଥିତ ଥିଲେ। ଇଣ୍ଡିଆନ୍ ପେନାଲ କୋଡ ବଦଳରେ ଭାରତୀୟ ନ୍ୟାୟ ସଂହିତା, ସିଆରପିସି ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଇଣ୍ଡିଆନ୍ ଆଭିଡେଣ୍ଟ ଆକ୍ଟ ବଦଳରେ ନୂଆ ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅପରାଧ ଦମନ ସହ ଅପରାଧୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ନୂଆ ଆଇନରେ କିଭଳି ବ୍ୟବସ୍ଥା ରହିଛି ସେନେଇ ଏସ୍‌ପି ସୂଚନା ଦେଇଥିଲେ। ଜିରୋ ଏଫ୍‌ଆଇଆରରେ ଜଣେ କିଭଳି ଯେ କୌଣସି ଥାନାରେ ଅଭିଯୋଗ କରିପାରିବେ କହିଥିଲେ। ବିଶେଷ କରି ଅନ୍‌ଲାଇନ୍ ମୋଡରେ ଅଭିଯୋଗ ଗ୍ରହଣ ହେବା ଦ୍ୱାରା ଲୋକେ ଅଧିକ ସୁବିଧା ପାଇବେ ବୋଲି କହିଥିଲେ। ଆତଙ୍କବାଦ ଏବଂ ଦେଶ ବିରୋଧୀ କାର୍ଯ୍ୟରେ କିଭଳି କଡା ଦଣ୍ଡବିଧାନ, ମହିଳା ଓ ଶିଶୁଙ୍କୁ ଅଧିକ ସୁରକ୍ଷା ପ୍ରଦାନ କରାଯାଇଛି କହିଥିଲେ। ଏହି ନୂଆ ଆଇନ ଦେଶବାସୀଙ୍କୁ ଅଧିକ ସୁରକ୍ଷିତ କରିବ ବୋଲି କହିଥିଲେ। ଏହାବାଦ୍ ପୋଲିସ ତଦନ୍ତକୁ କିଭଳି ଅଧିକ ବୈଜ୍ଞାନିକ ଅନୁସନ୍ଧାନ ସମ୍ପନ୍ନ କରାଯାଇଛି ସୂଚନା ଦେଇଥିଲେ। ତ୍ୱରିତ ନ୍ୟାୟ ଦିଗରେ ମଧ୍ୟ ନୂଆ ଆଇନ ଅଧିକ ସହାୟକ ହେବ ବୋଲି କହି ଏ ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି କହିଥିଲେ। ସୋମବାର ଠାରୁ ଏହି ନୂଆ ଆଇନ କାର୍ଯ୍ୟକାରୀ ହୋଇଛି ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ନାଗରିକ କମିଟି ସଭାପତି ଡ ଶ୍ରୀକର ମିଶ୍ର, ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ସମ୍ପାଦକ ପ୍ରମୋଦ ବହିଦାର, ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ଶତପଥୀ, ଜିଲାସ୍ତରୀୟ ପୋଲିସ ଅଧିକାରୀ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ନୂତନ ଆପରାଧିକ ଆଇନ ଉପରେ ସଚେତନତା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ ଓ ଆଇନଜୀବୀ ।

ଲୋଇସିଂହା,୧।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଭ୍ୟର୍ଥନା ଗୃହରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ଉପରେ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ଯାଜ୍ଞସିନୀ ନାଏକ ଅଧକ୍ଷତା କରି ସୋମବାର ଠାରୁ ଲାଗୁ ହୋଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ। ପୋଲିସରେ ଅଭିଯୋଗ ହେଲା ପରେ ତତ୍କାଳ ଏତଲା ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ଏଣିକି ନୂତନ ଆଇନ ଲାଗୁ ପରେ ପୋଲିସକୁ ୩ ଦିନ ତଦନ୍ତ ପାଇଁ ସମୟ ଦିଆଯାଇଥିବା ଥାନା ଅଧିକାରୀ ନାଏକ ସୂଚନା ଦେଇଥିଲେ। ଏଥିରେ ଲୋଇସିଂହା ତହସିଲଦାର ସଂଘମିତ୍ରା କାଲୋ, ଅତିରିକ୍ତ ତହସିଲଦାର ଅଶେଷା ବାଗ ଯୋଗଦେଇ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚକ ବରିଷ୍ଠ ଆଇନଜୀବୀ ଦିଲିପ କୁମାର ବେହେରା କହିଥିଲେ ଯେ, ପୁରୁଣା ବ୍ରିଟିଶ ଅମଳର ଆଇନକୁ ଉଠାଇ ନୂଆ ଆଇନ ଅଣାଯାଇଛି। ଏଥିରେ ବିଶେଷ ନୂତନତ୍ୱ ନାହିଁ। ଆଇପିସିର ଅଧିକାଂଶ ଧାରା ଅପରିବର୍ତ୍ତିତ ହୋଇ ରହିଛି। ସାଇବର କ୍ରାଇମ ଉପରେ ଗୁରୁତ୍ୱାରୋପ କରାଯାଇଛି। ନୂତନ ଆଇନକୁ ନେଇ ଯେଉଁ ଭଳି ଭାବେ ଡିଣ୍ଡିମ ପିଟାଯାଉଛି। ସେମିତି କିଛି ହୋଇନହିଁ। ଏହି କାର୍ଯ୍ୟକ୍ରମରେ ପୋଲିସ କର୍ମଚାରୀ, ଆଇନଜୀବୀ, ବୁଦ୍ଧିଜୀବୀ, ଖବରଦାତା ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

## ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ


ଅତିଥି, ବନ କର୍ମଚାରୀ ଏବଂ ଏସଏଚଜି ପକ୍ଷରୁ ଚାରାରୋପଣ କରାଯାଉଛି ।

### ପାଣ୍ଡରୀଡୁଙ୍ଗରୀରେ ବନ ମହୋତ୍ସବ ପାଳିତ

ଲୋଇସିଂହା,୧।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳ ପକ୍ଷରୁ ଆଗଲପୁର ବ୍ଲକର ପାଣ୍ଡରୀଡୁଙ୍ଗରୀର କାମ୍ପା ଏଏନଆର ପ୍ଲାଣ୍ଟେସନ ପରିସରରେ ୭୫ତମ ବନ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି। ମହୋତ୍ସବ ଅବସରରେ ଅନୁଷ୍ଠିତ ସଭାରେ ବନାଞ୍ଚଳ ଅଧିକାରୀ ପାଉଲ ହରପାଲ ଅଧକ୍ଷତା କରିଥିଲେ। ଏଥିରେ ପଟୁଆପାଲି ସରପଞ୍ଚ ରବୀନ୍ଦ୍ର ବସ୍ତିଆ, ସମିତି ସଭ୍ୟ ନିର୍ମଳ ଭୋଇ, ଦ୍ରୋଣ ନାଏକ, ସନ୍ତୋଷ ମିର୍ଦ୍ଧା, ପୁରନ୍ଦର ମହାକୁର ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମା' ମାହେଶ୍ୱରୀ ସମେତ ୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ରହିଥିଲେ। ବନାଞ୍ଚଳ ଅଧିକାରୀ ହରପାଲ ଜଳବାୟୁ ପରିବର୍ତ୍ତନ ଉପରେ କହିବା ସହ ବନ ମହୋତ୍ସବ ସପ୍ତାହ ସମ୍ପର୍କରେ ଆଲୋକପାତ କରିଥିଲେ। ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ବ୍ୟାପକ ଜଙ୍ଗଲ ବୃଦ୍ଧିର ଆବଶ୍ୟକତା ରହିଛି। ସମ୍ମିଳିତ ଉଦ୍ୟମରେ ଏହା ସଫଳ ହୋଇପାରିବ। ଏହି ସମୟ ହେଉଛି ଚାରା ରୋପଣର ପ୍ରକୃଷ୍ଟ ସମୟ। ଏହିଅବସରରେ ସେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଫରେଷ୍ଟର ବାବୁଲା ଦାସ ସ୍ୱାଗତ ଅଭିଭାଷଣ ଓ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ସଭା ପରେ ସ୍ଥାନୀୟ ଅଞ୍ଚଳରେ ବନୀକରଣ କରାଯାଇଥିଲା।

## ନୂତନ ଆପରାଧିକ ଆଇନ ସ୍ୱାଗତଯୋଗ୍ୟ ପଦକ୍ଷେପ

ଲାଠୋର,୧।୭(ଭୁବନେଶ୍ୱର ବାରିକ)



ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ବୃନ୍ଦ ।

ସୋମବାର ଠାରୁ ସାରା ଦେଶରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହୋଇଛି । ଏହି ଆପରାଧିକ ଆଇନ ଉପରେ ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲା ଲାଠୋର ଥାନା ପରିସରରେ ଥାନା ଅଧିକାରୀ ରାକେଶ କୁମାର ବେହେରାଙ୍କ ଅଧକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ଏଲଡିଏ ପ୍ରତିଷ୍ଠାତା ଲବ ସୁନା, ଲାଠୋର ପୂର୍ବତନ ସମିତି ସଭ୍ୟ ଦଶରଥ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ଏସଆଇ ଦେବର୍ଜନ ମିର୍ଦ୍ଧା ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ଥାନା ଅଧିକାରୀ ନୂତନ ଆପରାଧିକ ଆଇନ ଉପରେ ଉପସ୍ଥିତ ଲୋକଙ୍କୁ ଅବଗତ କରିଥିଲେ । ଅତିଥିମାନେ ସରକାରଙ୍କ ନୂତନ ଆପରାଧିକ ଆଇନ ନିଶ୍ଚିତ ରୂପେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ଆଇନ ଶୃଙ୍ଖଳାରେ ସୁଧାର ଆସିବ ବୋଲି କହିଥିଲେ । ଏଏସଆଇ ଯତୀନ୍ଦ୍ର ବଢେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ,ଓଡ଼ିଆ ବଣିକ ସଂଘ କର୍ମକର୍ତ୍ତା, ଡ୍ରାଇଭର ସଂଘ କର୍ମକର୍ତ୍ତା, ଏଲଡିଏ କର୍ମକର୍ତ୍ତା ଏବଂ ଲାଠୋର ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ନୂଆ ଆଇନ ନେଇ ସଚେତନତା ଶିବିର

ଗୁଡଭେଲା,୧।୭ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ପୋଲିସ ପ୍ରଶାସନ ପକ୍ଷରୁ ସୋମବାର ତୁଷୁରା ଥାନା ପରିସରରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ଯୋଗ ଦେଇଥିବା ତୁଷୁରା ଥାନା ଅଧିକାରୀ ଶଶୀଭୂଷଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତିନୋଟି ନୂତନ ଆଇନ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିବା ବେଳେ କେତେଜଣ ବ୍ୟକ୍ତି ଏନେଇ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସମସ୍ତ ପ୍ରଶ୍ନର ଉତ୍ତର ଥାନା ଅଧିକାରୀ ମିଶ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୁଡଭେଲା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା, ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଳ, ତୁଷୁଡା ଗ୍ରାମ ପଞ୍ଚାୟତ ସରପଞ୍ଚ କୈଳାସ ବେହେରା, ଏସଆଇ ଗଙ୍ଗାଧର ମଲ୍ଲିକ, ବି .ମହାନ୍ତି, ଏଏସଆଇ ଯଶୋବନ୍ତ ସେଠ, ଯୁଗେଶର ଧରୁଆ, ଆଲୋକ କନ୍ଧ, ରମାକାନ୍ତ ମହାପାତ୍ର, ଲିସନ ପ୍ରଧାନ, ନନ୍ଦ ଲାଲ ଜୟଶ୍ୱାଳ, ଶରତ ସାହୁ, ଅମିତ ଜୈନଙ୍କ ସମେତ ଲୋକ ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଓ ବୃଦ୍ଧିଜୀବୀ ଉପସ୍ଥିତ ଥିଲେ ।

## ବ୍ଳକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

ଖପ୍ରାଖୋଲ,୧।୭(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ଥାନୀୟ ସରପଞ୍ଚ ଉମାକାନ୍ତ ମେହେର ଅଧକ୍ଷତା କରିଥିଲେ । ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଏପିଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ଶତାଧିକ ଅଭିଯୋଗ ହୋଇଥିଲା। ଏହି ଅବସରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍ଠ ବିଭାର, ଯୋଗାଣ ଅଧିକାରୀ ବିକାଶ , ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ସିଡିପିଓ ସୁଜାତା ଦୋରା, ବ୍ଲକ ସହ ଶିକ୍ଷା ଅଧିକାରୀ ମିନିକେତନ ବରିହାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବ୍ଳକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ଗୁଡଭେଲା,୧।୭
(ମନୋଜ କୁମାର ଜୈନ)



ଜନଶୁଣାଣି ଶିବିରରେ ଜିଲାପାଳ ଓ ଏସ୍‌ପି ।

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ପରିସରରେ ସୋମବାର ଜିଲାପାଳ ଗୌରବ ଶିବାଜୀ ଈଶ୍ୱରୱାର ଓ ଏସ୍‌ପି ଋଷିକେଶ ଖିଲାରିଙ୍କ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୧୨୯ଟି ବିଭିନ୍ନ ଅଭିଯୋଗ ପତ୍ର ଆସିଥିବା ବେଳେ ସମସ୍ତ ଅଭିଯୋଗର ସମାଧାନ ଯଥା ଶୀଘ୍ର କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଗୁଡଭେଲା ବ୍ଲକ ଅଧ୍ୟକ୍ଷ ବେବି ଦୋରା, ଉପାଧ୍ୟକ୍ଷ ଟୁକୁ ପାଣିଗ୍ରାହୀ, ବିଡିଓ ସୌମ୍ୟକାନ୍ତ ବନଗୋଲା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସମିତି ସଭ୍ୟ ଅଶୋକ ଚନ୍ଦ୍ର ଦୋରା, ଜିପିଓ ସାଗର ସାହୁଙ୍କ ସମେତ ଜିଲା ଓ ବ୍ଲକସ୍ତରର ବିଭିନ୍ନ ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଦଣ୍ଡବିଧାନ କ୍ଷେତ୍ରରେ ନୂଆ ଅଧ୍ୟାୟ ଆରମ୍ଭ

ପାଟଣାଗଡ,୧।୭ (ସଚ୍ଚିଦାନନ୍ଦ ମହାକୁର)

ସୋମବାରଠାରୁ ସାରା ଦେଶରେ ୩ଟି ନୂଆ ଆପରାଧିକ ଆଇନ ଲାଗୁ ହୋଇଛି। ଦେଶର ନ୍ୟାୟିକ ଓ ଦଣ୍ଡବିଧାନ କ୍ଷେତ୍ରରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଏନେଇ ବଲାଙ୍ଗୀର ଜିଲା ପାଟଣାଗଡ ଥାନା କାର୍ଯ୍ୟାଳୟ ସଭାଗୃହରେ ପାଟଣାଗଡ ଏସଡିପିଓ ସଦାନନ୍ଦ ପୂଝାରୀଙ୍କ ନେତୃତ୍ୱରେ ପୋଲିସ ତରଫରୁ ନୂତନ ଆପରାଧିକ ଆଇନ କାର୍ଯ୍ୟକାରିତା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାଟଣାଗଡ ଥାନା ଅଞ୍ଚଳର ଆଇନଜୀବୀ, ଭଦ୍ରବ୍ୟକ୍ତି, ବୁଦ୍ଧିଜୀବୀ, ଜନପ୍ରତିନିଧି ଉପସ୍ଥିତ ରହି ନୂତନ ଆଇନକୁ ନେଇ ସଚେତନତା କରାଇବା ସହ ଏନେଇ ଆଲୋଚନା ମାଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଟଣାଗଡ ବ୍ଲକ ଅଧ୍ୟକ୍ଷ ନିଳକାନ୍ତ ବାଗ, ଏନଏସି ଅଧ୍ୟକ୍ଷା ମାନସୀ ବିଶାଳ, ବିଡିଓ ସୁମନ ମିଞ୍ଜ ଓ ତହସିଲଦାର ଯୋଗଦେଇ ଥିଲେ।

## ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ ।

ସଇଁତଲା,୧।୭ (ରାଖାଲ ପ୍ରସାଦ ଶତପଥୀ)

ସୋମବାରଠାରୁ ସାରା ଦେଶରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଲାଗୁ ହୋଇଛି । ଏହି ଆଇନରେ କ'ଣ କ'ଣ ପରିବର୍ତ୍ତନ ହୋଇଛି ଏବଂ ଜନସାଧାରଣ ଏହାର କିଭଳି ସୁବିଧା ଉଠାଇ ପାରିବେ ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ ସଇଁତଲା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଇଁତଲା ଥାନା ଅଧିକାରୀ ଶୁଶାନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଇଁତଲା ଓକିଲ ସଂଘର ସଭାପତି ସୁବୋଧ କୁମାର ମିଶ୍ର, ସମ୍ପାଦକ ଫିରୋଜ କୁମାର ବରଗଡ଼, କେରମେଲି ସରପଞ୍ଚ ଅଶୋକ କୁମାର ସାହୁ ମଞ୍ଚାସୀନ ଥିଲେ । ନୂଆ ଆଇନ ନେଇ ପ୍ରଧାନ ଏବଂ ଅନ୍ୟ ଅତିଥିଗଣ ଉପସ୍ଥିତ ଜନସାଧାରଣଙ୍କୁ ବିସ୍ତୃତ ଭାବରେ ବୁଝାଇବା ସହ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୋଲିସ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

ଦେଓଗାଁ,୧।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ଗାଇବାହାଲ ପଞ୍ଚାୟତଠାରେ ପ୍ରଥମ କରି ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀଣା ପଧାନଙ୍କ ନେତୃତ୍ୱରେ ବିଡିଓ କ୍ଷମାନିଧି ଭୋଇ, ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ତହସିଲଦାର ବିକ୍ରମ କେଶରୀ ନାଏକ, ସହକାରୀ ଯନ୍ତ୍ରୀ ପ୍ରଜ୍ଞା ପରମିତା ସାବତ, ବ୍ଲକ ଶିକ୍ଷା ଅଧିକାରୀ ମମତା ମାହାଡିକ, ଦେଓଗାଁ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ କରି ଅନୁଷ୍ଠିତ ହୋଇଥିବା ଜନଶୁଣାଣି ଶିବିରରେ ଅନେକ ହିତାଧିକାରୀ ରାଶନ କାର୍ଡ , ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ଗାଇଗୁହାଳ ବିଷୟରେ ବିଡିଓଙ୍କ ଠାରେ ଅଭିଯୋଗ କରିଥିଲେ । ହିତାଧିକାରୀ ଦେଇଥିବା ଅଭିଯୋଗଗୁଡିକୁ ଉପସ୍ଥିତ ଥିବା ସମସ୍ତ ବିଭାଗର ଅଧିକାରୀମାନଙ୍କୁ ଦେଇ ସାତ ଦିନ ଭିତରେ ସମାଧାନ କରିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକ ସଂପ୍ରସାରଣ ଅଧିକାରୀ, ସିଡିପିଓ, ଗ୍ରାମୀଣ ଆବାସ ବିଭାଗର ଆରଏଚ, ଯୋଗାଣ ବିଭାଗର ଅଧିକାରୀ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

# 'କରୋନା ସମୟର ଅମ୍ଳଜାନ ଅଭାବକୁ ଲୋକେ ଭୁଲିଗଲେଣି'

ବଲାଙ୍ଗୀର,୧।୭ (ବୀରେନ୍ଦ୍ର କୁମାର ଝାଙ୍କର)

- କିଶନ ସବୁଜ ସପ୍ତାହର ଶୁଭାରମ୍ଭ
- ଜଙ୍ଗଲ ସୁରକ୍ଷାରେ ପଥରଚେପା ଗ୍ରାମବାସୀଙ୍କ ଉଦ୍ୟମକୁ ପ୍ରଶଂସା

ବଲାଙ୍ଗୀର ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ବିଶିଷ୍ଟ ସମାଜବାଦୀ ଚିନ୍ତକ ସ୍ୱର୍ଗତ କିଶନ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ସୋମବାରଠାରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ କିଶନ ସବୁଜ ସପ୍ତାହ ପାଳନର ଶୁଭାରମ୍ଭ ହୋଇଛି। ଅଭିଯାନର ଆବାହକ ପ୍ରକୃତି ବନ୍ଧୁ ସୁନୀଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ବଲାଙ୍ଗୀର ସହର ଉପକଣ୍ଠ ଗାଁ ପଥରଚେପା ଠାରୁ ଏହି ସ୍ୱତନ୍ତ୍ର ପରିବେଶ ସଚେତନତା ସପ୍ତାହ ପାଳନର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜବାଦୀ ଓ ଚାଷୀ ନେତା ଅରୁଣ ମିଶ୍ର, ଗୋପବନ୍ଧୁ ଶତପଥୀ, ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ସେନାନୀ ବିନୋଦ ମହାନ୍ତି, ପଥରଚେପା ବନ ସୁରକ୍ଷା ସମିତି ସଭାପତି ଅଶ୍ୱିନୀ ବିଶ୍ୱାଳ, ଲୋୟର ସୁକ୍‌ତେଲ ବୁଡିଅଞ୍ଚଳ ସଂଗ୍ରାମ ପରିଷଦ ସମ୍ପାଦକ ସତ୍ୟ ବନ୍‌ଛୋର, ଜିଲା ଜଙ୍ଗଲ ଫୋରମ୍‌ର ଆବାହକ କୁଳମଣି ସାହୁ ଅତିଥି ଭାବେ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ଚାଷୀନେତା ଅରୁଣ ତାଙ୍କ ବକ୍ତବ୍ୟରେ ଅଶୀ ଦଶକରୁ ସମାଜବାଦୀ ବିଚାରକ କିଶନ ପଟ୍ଟନାୟକ ପରିବେଶ ଅସନ୍ତୁଳର କୁପ୍ରଭାବ ଉପରେ ସଚେତନ କରି ଆସିଥିଲେ। ଅବିଚାରିତ ଖଣି ଉତ୍ତୋଳନ ଓ ବିକାଶ ନାଁରେ ପ୍ରାକୃତିକ ଜଙ୍ଗଲ ନଷ୍ଟର କୁପ୍ରଭାବ ସମ୍ପର୍କରେ କହିଥିଲେ। ଆଜି ଆମେ ଏହା ଭୋଗୁଛୁ ବୋଲି କହିଥିଲେ। କରୋନା ସମୟରେ ଅମ୍ଳଜାନ ଅଭାବଜନିତ ସମସ୍ୟା ସମସ୍ତଙ୍କୁ ଅଡୁଆରେ ପକାଇଥିଲା। ଅନେକ ଲୋକ ଅମ୍ଳଜାନ ସିଲିଣ୍ଡର ନ ପାଇ ମୃତ୍ୟୁବରଣି କଲେ। ମାତ୍ର କରୋନା ସମୟର ଏହି ଅମ୍ଳଜାନ ଅଭାବକୁ ଲୋକେ ଏବେ ଭୁଲି ଗଲେଣି। ଜଙ୍ଗଲରୁ ଆମେ ଅମ୍ଳଜାନ ପାଉଛୁ। ଏଣୁ ଏହାର ସୁରକ୍ଷା ଜରୁରୀ ବୋଲି ସେ କହିଥିଲେ। ଅତିଥି ଶତପଥୀ ତାଙ୍କ ବକ୍ତବ୍ୟରେ କିଶନ ପଟ୍ଟନାୟକଙ୍କ ଜୀବନୀ ଓ ପରିବେଶ ବାର୍ତ୍ତା ଉପରେ କହିଥିଲେ। ଅନ୍ୟତମ ଅତିଥି ମହାନ୍ତି ତାଙ୍କ ବକ୍ତବ୍ୟରେ ଗଛ ଓ ଜଙ୍ଗଲ ହିଁ ଶାନ୍ତ, ଶୀତଳ ଜୀବନ ଆମକୁ ପ୍ରଦାନ କରୁଛି ବୋଲି କହିଥିଲେ। ଅତିଥି ବନ୍‌ଛୋର ଲୋୟର ସୁକ୍‌ତେଲ ପ୍ରକଳ୍ପ ଯୋଗୁ ଲକ୍ଷାଧିକ ଗଛ କଟାଯିବା ଓ ଏହାର କୁପ୍ରଭାବ ସମ୍ପର୍କରେ କହିଥିଲେ। ଅତିଥି ସାହୁ ଜଙ୍ଗଲ ସୁରକ୍ଷା ଦ୍ୱାରା ହିଁ ଆମେ ଆମର ଭବିଷ୍ୟତ ପିଢ଼ିର ସୁରକ୍ଷା କରିପାରିବା ବୋଲି କହିଥିଲେ। ବନସୁରକ୍ଷା ସମିତି ସଭାପତି ବିଶ୍ୱାଳ ଟାଙ୍ଗିଆ ହିଁ ମହାକାଳ ବୋଲି କହିବା ସହ ବ୍ୟବସାୟିକ ଉଦ୍ଦେଶ୍ୟରେ ଲୋକେ ଜଙ୍ଗଲ ନଷ୍ଟ କରଥିବାରୁ ଏହାକୁ ରୋକିବାକୁ ହେବ ବୋଲି କହିଥିଲେ। ଗାଁର ମହିଳାମାନେ ଜଙ୍ଗଲ ସୁରକ୍ଷା ପାଇଁ ଠିକ୍ ସମୟରେ କିଭଳି ସହାୟତା ମିଳୁନାହିଁ କହିଥିଲେ। ଏହି କାର୍ଯ୍ୟକ୍ରମରେ ପଥରଚେପା ଗାଁର ମୀନା ଭୋଇ, ଭଗବତୀ ମାଝି, ପ୍ରତିମା ବିଶ୍ୱାଳ, ତାରା ପଧାନ, ଦଶମୀ ଖାଡିଆ, ରଞ୍ଜିତା ଭୋଇ, ମାଳତି ଭୋଇ, ଶ୍ରାବଣୀ ମିର୍ଦ୍ଧା, ସୁକାନ୍ତି ମିର୍ଦ୍ଧା, କାନ୍ତି ବିଶ୍ୱାଳ, ଅମ୍ବିକା ମିର୍ଦ୍ଧା, ସୁବାସିନୀ ନାଏକ, ସୁବଳ ରାଉତ, ଅଭିଯାନ ସଦସ୍ୟ ଅନିରୁଦ୍ଧ ଖରସେଲ, ଶିବ ସିଂ, ବିଶ୍ୱନାଥ କଠାର, ହରେକୃଷ୍ଣ ଆଉଜୁଏଡ ଓ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ।



ପଥରଚେପା ଗାଁରେ କିଶନ ସବୁଜ ସପ୍ତାହ ପାଳନ ଅବସରରେ ପରିବେଶ ସଚେତନତା ସଭା ।

## ନୂତନ ଆପରାଧିକ ଆଇନ ନେଇ କାର୍ଯ୍ୟକ୍ରମ

ମୁରିବାହାଲ,୧।୭(ଶ୍ରୀବତ୍ସ ବେହେରା)

ଦେଶରେ ୩ଟି ନୂଆ ଆପରାଧିକ ଆଇନ କାର୍ଯ୍ୟକାରୀ ହୋଇଛି। ଏ ନେଇ ବଲାଙ୍ଗୀର ଜିଲା ମୁରିବାହାଲ ପୋଲିସ ବିଭାଗ ତରଫରୁ ସୋମବାର ଦିନ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ଥାନା ଅଧିକାରିଣୀ ସୁପ୍ରିୟା ସୁରିଆ ଲୁହୁନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ଜୟଦେବ ପୁରୋହିତ, ସାମ୍ବାଦିକ ସଂଘ ସଭାପତି ସୁବ୍ରତ କୁମାର ମହାକୁର, ଶ୍ରୀବତ୍ସ ବେହେରା, ବରିଷ୍ଠ ଆଇନଜୀବୀ ଗୋପିନାଥ ପାଣିଗ୍ରାହୀ, ଏସ.ସି.ବାଘାର, ଦୁର୍ଗାନନ୍ଦ ମହାକୁର ଉପସ୍ଥିତ ରହି ନୂତନ ଆପରାଧିକ ଆଇନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ କିପରି ନୂତନ ଆଇନ ବଳରେ ଉଚିତ୍ ନ୍ୟାୟ ପାଇପରିବେ, ଅପରାଧ ନିୟନ୍ତ୍ରଣ ହୋଇପାରିବ, ଶୀଘ୍ର ନ୍ୟାୟ ମିଳିପାରିବ ଆଦି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଏସଆଇ ପ୍ରମୋଦ କୁମାର ପଧାନ,ଏଏସଆଇ ସୁଶୀଲ କୁମାର ମହାପାତ୍ର, ଜଗଦୀଶ ମହାନନ୍ଦ, ସୁଦାମ ଚରଣ ନାଗ, କେଦାର ବଡ଼ଜେନା, କେଶବ ଚରଣ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ପଦ୍ମପୁର,୧।୭(ପ୍ରଦୀପ୍ତ ଦାଶ)

ପଦ୍ମପୁର ଶାନ୍ତିନଗରସ୍ଥିତ ମାଉସି ମା' ମନ୍ଦିରଠାରେ କମିଟି ସଭାପତି ଡା. ଦେବାଶିଷ ରଥଙ୍କ ସଭାପତିତ୍ୱରେ ଚଳିତବର୍ଷ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ତା ୭।୭।୨୦୨୪ରିଖ ରବିବାର ରଥଯାତ୍ରା ଦିନ ସନ୍ଧ୍ୟା ୬ଟାରେ ଚତୁର୍ଦ୍ଧା ମୂର୍ତ୍ତି ମା' ମାଉସୀ ମନ୍ଦିରକୁ ପ୍ରବେଶ କରିବ। ପ୍ରତ୍ୟେକ ଦିନ ସକାଳ ୭.୩୦ ଘଣ୍ଟା ସମୟରେ ଓ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ମାଉସିମାନଙ୍କ ଓ ସାତ ଦିନର ବିଭିନ୍ନ କର୍ତ୍ତାଙ୍କ ଦ୍ୱାରା ମହା ଆଳତି ସଙ୍ଗେ ତା. ୯।୭।୨୦୨୪ରୁ ତା.୧୨।୭।୨୦୨୪ ସନ୍ଧ୍ୟା ୭ଟାରୁ ଶ୍ରୀ ଜଗନ୍ନାଥ କଥାମୃତ ପ୍ରବଚନ ପ୍ରବଚକ ଇପ୍ସିତ ମିଶ୍ରଙ୍କ ଦ୍ୱାରା ଆୟୋଜନ ହେବା ସହିତ ୧୩।୦୭।୨୦୨୪ ମହିଳା ବୈଠକୀ ଓ ୧୪।୦୭।୨୦୨୪ ପୁରୁଷ ବୈଠକୀ ଆୟୋଜିତ ହେବ। ପ୍ରତ୍ୟେକ ଦିନ ମାଧ୍ୟାହ୍ନ ୧୨.୩୦ ରେ ମହାପ୍ରଭୁଙ୍କ ଅନ୍ନ ଭୋଗର ବ୍ୟବସ୍ଥା ଅଛି। ବାହୁଡ଼ା ଦିନ ସାଂସ୍କୃତିକ ଦଳ ସାଙ୍ଗରେ ମହାପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି ଅପରାହ୍ନ ୪ଟାର ନିଜର ଶ୍ରୀ ମନ୍ଦିର ବାହୁଡି ଯିବେ। ବୈଠକରେ ମାଉସି ମା' ମନ୍ଦିର, ଶାନ୍ତିନଗର ପଦ୍ମପୁର ସମସ୍ତ ବୟୋଜ୍ୟେଷ୍ଠ ଉପଦେଷ୍ଟା ଓ ସମସ୍ତ ସଦସ୍ୟ ବୈଠକରେ ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ଦେଇଥିଲେ।

# ଜିଲାପାଳ, ଏସ୍‌ପିଙ୍କ ଅଭିଯୋଗ ଶୁଣାଣି

ସୋନପୁର,୧।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ଏସ୍‌ପି ୟସ ପ୍ରତାପ ଶ୍ରୀମାଲ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୩ଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୨୩ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଦରଖାସ୍ତ ରହିଥିବାବେଳେ ୨ଟି ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଉଦ୍ଦିଷ୍ଟ ଥିଲା। ପଞ୍ଜିକୃତ ଆବେଦନଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଶିବିରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଭିନ୍ନକ୍ଷମ ଦମ୍ପତି ବୀରମହାରାଜପୁର ବ୍ଲକ ଭାଲିଆପଦାର ଗ୍ରାମର ଦିଲୀପ ମହାନନ୍ଦ(ଭିନ୍ନକ୍ଷମ ) ଓ ଡଲି ଭଞ୍ଜ, ସୁବର୍ଣ୍ଣପୁର ସହର ପତଭାଡିର



ଶିବିରରେ ଜିଲାପାଳ ଓ ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଅଚ୍ୟୁତ ମେହେର (ଭିନ୍ନକ୍ଷମ) ଓ ଉଷା ମେହେରଙ୍କୁ ବୈବାହିକ ପ୍ରୋତ୍ସାହନ ଅର୍ଥ ରାଶି ବାବଦରେ ଉଭୟ ଦମ୍ପତିଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସୋନପୁର ବିଡ଼ିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ପିଡି ଡ୍ରୁଡା ବିଶ୍ୱନାଥ ବାରିକ, ସୋନପୁର ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ,

### ଶିବିରରେ ୩୩ ଅଭିଯୋଗର ଶୁଣାଣି ହେଲା

ସିଏସଓ ସୁରେଶ ପାଣିଗ୍ରାହୀ, ଜିଲା ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡାକ୍ତର ଦୁର୍ଗା ପ୍ରସାଦ ଦାଶ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅବକାରୀ ଅଧୀକ୍ଷକ ପ୍ରବୀର ସାମଲ, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ ପଟ୍ଟନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦବଲ୍ଲଭ ଷଡ଼ଙ୍ଗୀ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝି, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଟିପିଓଡବ୍ଲ୍ୟୁଓଡିଏଲ ଅଶୋକ ମିଶ୍ର, ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଫୁଲ୍ଲ ବେହେରା, ସୋନପୁର ତହସିଲଦାର ଡ.ସୋମ୍ୟାରୁପା ରଥ, ସୁବର୍ଣ୍ଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା, ଅନ୍ୟ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲ।

## ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନର ଶୁଭାରମ୍ଭ



ସର୍ବେକ୍ଷଣ ଅଭିଯାନର ଶୁଭାରମ୍ଭ ଅବସରରେ ଅତିଥିମାନେ।

ସୋନପୁର,୧।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲା ତାଲିମ ଗୃହ ଠାରେ ଜିଲାସ୍ତରୀୟ ସମନ୍ୱୀତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ–୨୦୨୪ର ଶୁଭାରମ୍ଭ ସୋମବାର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ(ପରିବାର କଲ୍ୟାଣ) ବୈଦ୍ୟ ନାରାୟଣ ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା କାର୍ଯ୍ୟକ୍ରମ ସଂଯୋଜକ ବିଶ୍ୱମ୍ଭର ବେହେରା, ଡିଏମ୍‌ଆରସି ଏଚ ସୁଧାଂଶୁ ନାଏକ, ଜିଲା ଆଶା ସଂଯୋଜକ ତରଣୀସେନ ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁଙ୍କ ସଂଯୋଜନାରେ ଅତିଥି ବୃନ୍ଦ ବ୍ୟାପକ ସଚେତନତା ସୃଷ୍ଟି କରି ମ୍ୟାଲେରିଆ, ଡେଙ୍ଗୁ, ଝାଡ଼ାବାନ୍ତି, ଯକ୍ଷ୍ମା, କୁଷ୍ଠ ରୋଗ ଉପରେ ସଚେତନ କରିଥିଲେ। ଟୀକାକରଣ ହୋଇ ନ ଥିବା ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦେଇ ପାରିଲେ ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା । ଏଥିରେ ସରକାରୀ ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀ, ଆଶା, ଅଙ୍ଗନୱାଡି, ମାସ୍ ମେମ୍ବର, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସହକର୍ମୀମାନେ ଅବସରକାଳୀନ ସମ୍ବର୍ଦ୍ଧନା ଦେଉଛନ୍ତି।

ସୋନପୁର,୧।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଭଜବଲପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିନିତା ଗୁରୁଙ୍କ କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରାଜେନ୍ଦ୍ର ଜଗଦଲାଙ୍କ ଅଧ୍ୟକ୍ଷତାରେ ହିକୁଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆୟୋଜିତ ହୋଇଥିଲା। ହିକୁଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ସାହୁ ଓ ସୁବର୍ଣ୍ଣପୁର ଜିଲା ସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ବ୍ୟୋମକେଶ ତ୍ରିପାଠୀ ଓ ଗୋପାଳ ମେହେର ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ଓ ଅତିଥିଙ୍କୁ ଫୁଲମାଳ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଜାନକୀ ମିଶ୍ର ନିଜ ଅଭିଭାଷଣରେ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ବିନିତାଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କର ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ। ବିଦାୟକାଳୀନ ସଭାରେ କ୍ଲଷ୍ଟର ଅଧିନସ୍ଥ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ନୂତନ ଆଇନ କାର୍ଯ୍ୟକାରୀ ନେଇ ବ୍ୟାପକ ସଚେତନତା ଆବଶ୍ୟକ

ବୌଦ୍ଧ,୧।୭( ଅଜିତ କୁମାର ବାରିକ)

ବ୍ରିଟିଶ ଆଇନକୁ ପରିବର୍ତ୍ତିତ କରି ନୂଆ ରୂପରେ ନୂତନ ଆଇନ ବ୍ୟବସ୍ଥା ସୋମବାରଠାରୁ ସାରା ଦେଶରେ କାର୍ଯ୍ୟକାରୀ କରାଯାଇଛି । ଏହି ପରିପ୍ରେକ୍ଷୀରେ ବୌଦ୍ଧ ଆଦର୍ଶ ଥାନା ପରିସରରେ ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବରେ ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ଦଲାଲ, ଜିଲା ଓକିଲ ସଂଘ ସଭାପତି ଧୃରୀଣ କୁମାର ଦେହୁରୀ,ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶିବ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଓ ମହିଳା ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ନାଥ ଗୁରୁ ଯୋଗଦେଇ ପରିବର୍ତ୍ତିତ ନୂତନ ଆଇନ ବ୍ୟବସ୍ଥା ଉପରେ ନିଜ ନିଜର ମତ ପ୍ରକାଶ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବିଧାୟକ ଦଲାଲ ନୂତନ ଭାବରେ ଆଇନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବାରୁ ଦେଶବାସୀଙ୍କ ପାଇଁ ଏହା ଏକ ଐତିହାସିକ ସମୟ ବୋଲି ପ୍ରକାଶ କରିଥିଲେ। ତେବେ ନୂତନ ଆଇନ କାର୍ଯ୍ୟକାରୀ ପୂର୍ବରୁ ଅଧିକ ସମୀକ୍ଷା ଓ ସଚେତନତାର ଆବଶ୍ୟକତା



ବୌଦ୍ଧ ଆଦର୍ଶ ଥାନା ପରିସରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି।

ରହିଥିଲା ବୋଲି ଦଲାଲ ମତବ୍ୟକ୍ତ କରିଥିଲେ। ସେହିପରି ଜିଲା ଓକିଲ ସଂଘର ସଭାପତି ଦେହୁରୀ ନୂତନ ଆଇନ ବ୍ୟବସ୍ଥାରେ ପୋଲିସକୁ ଅଧିକ କ୍ଷମତା ପ୍ରଦାନ କରାଯାଇଥିବାରୁ ବ୍ୟକ୍ତିଗତ ଉଦ୍ଦେଶ୍ୟରେ ଏହାର ଦୁରୁପଯୋଗ ଯେପରି ନ ହେବ ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରିଥିଲେ। ଅତିଥିମାନେ ନୂତନ ଆଇନ କାର୍ଯ୍ୟକାରୀ ହୋଇଥିବାରୁ ସବୁବର୍ଗର ଲୋକଙ୍କୁ ଏନେଇ ବ୍ୟାପକ ସଚେତନ କରାଯିବା ନେଇ ସଭାରେ ମତପ୍ରକାଶ କରିଥିଲେ। ଥାନା ଅଧିକାରୀ ମୁନି ନୂତନ ଆଇନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବାରୁ ଏହାଦ୍ୱାରା ଅପରାଧ ନିୟନ୍ତ୍ରଣ ଓ ନ୍ୟାୟ ବ୍ୟବସ୍ଥାକୁ ସହଯୋଗ ମିଳିବ ବୋଲି କହିଥିଲେ । ଏହାସହିତ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏନେଇ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ଏବଂ ଆଗାମୀ ତିନିମାସ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକ ଓ ସାଧାରଣ ଲୋକଙ୍କୁ ନୂତନ ଆଇନ ନେଇ ସଚେତନ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଜିଲା ସାମ୍ବାଦିକ ସଂଘର ସଭାପତି ଶଶାଙ୍କ ଶେଖର ମିଶ୍ର ନୂତନ ସାକ୍ଷ୍ୟ ଅଧିନିୟମ ଦ୍ୱାରା ବୈଦ୍ୟୁତିକ ଗଣମାଧ୍ୟମର କ୍ଷମତା ଓ ଦାୟିତ୍ୱ ବୃଦ୍ଧି ହୋଇଥିବା ବେଳେ ସାମ୍ବାଦିକମାନେ କାର୍ଯ୍ୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ସେହିପରି ବରିଷ୍ଠ ସାମ୍ବାଦିକ ଦେବାଶିଷ ପୁରୋହିତ ନୂତନ ଆଇନ ବ୍ୟବସ୍ଥାକୁ ସ୍ୱାଗତ କରିବା ସହିତ ଏହା ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ସହରର ବୁଦ୍ଧିଜିବୀ,ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେହିପରି ଜିଲାର ଥାନାଗୁଡିକରେ ମଧ୍ୟ ସଚେତନତା କରାଯାଇଛି ।

## ଆମ ପୋଲିସ ସମିତି ବୈଠକ

ତରଭା, ୧।୭(ମାନଭଞ୍ଜନ ମିଶ୍ର)

ସୋନପୁର ଜିଲା ଅନ୍ତର୍ଗତ ତରଭା ଥାନା ପରିସରରେ ସୋମବାର ସନ୍ଧ୍ୟାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ଅନିତା କିଡୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତରଭା ଓକିଲ ସଂଘର ସଭାପତି ସୁରେଶ ଚନ୍ଦ୍ର ମହଲା, ଜେଏମ୍‌ଏଫ୍‌ସି କୋର୍ଟ ସରକାରୀ ଓକିଲ ଉମେଶ ନାଏକ, ମେଣ୍ଡା ଫାଣ୍ଡି ଅଧିକାରୀ ରବୀନ୍ଦ୍ର ସାହୁ ଓ ଏସ୍‌ଆଇ ମାରୁତ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଏସ୍‌ଆଇ ରବୀନ୍ଦ୍ର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଇଆଇସି ଅନିତା କିଡୋ ତାଙ୍କ ବକ୍ତବ୍ୟରେ ନୂତନ ଭାରତର ନୂତନ ଆଇନକୁ ନେଇ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩, ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ତଥା ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଦ୍ରୁତ ନ୍ୟାୟ ପାଇଁ ଠିକ ସମୟରେ ମାମଲାର ବିଚାର, ଅନଲାଇନ ମାମଲା ରୁଜୁର ସୁବିଧା, ଡିଜିଟାଲ ପ୍ରମାଣର ବ୍ୟବହାର, ମବ ଲିଂଚିଙ୍ଗ ଓ ସଙ୍ଗଠିତ ଅପରାଧ ଇତ୍ୟାଦି ଆଇନରେ ଅନ୍ତର୍ଭୁକ୍ତ ଓ ସ୍ୱଷ୍ଟ ଓ ସ୍ୱଚ୍ଛ ଅନୁସନ୍ଧାନ ପାଇଁ ସାକ୍ଷୀର ବିବୃତି ଏବଂ ଯାଞ୍ଚର ଅଡିଓ ଭିଡିଓ ରେକର୍ଡ ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ। ଏଥିରେ ଆଗାମୀ ରଥଯାତ୍ରାରେ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି କିପରି ସୁରୁଖୁରୁରେ ଯାତ୍ରା ସମାପନ ହେବ ସେଥିପ୍ରତି ପୋଲିସ ବିଭାଗ ଦୃଷ୍ଟି ଦେବାକୁ ଓ ଟ୍ରାଫିକ ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ସଦସ୍ୟମାନେ ମତ ଦେଇଥିଲେ। ଏହି ବୈଠକରେ ପୋଲିସ ବିଭାଗୀୟ କର୍ମଚାରୀଙ୍କ ସମେତ ମାହେଶ୍ୱରୀ ସଙ୍ଗଠର ପ୍ରଦୀପ ମେହେର, ମାଧବ ସାହୁ, ବିଜୟ ମେହେର, ଆୟୁଷ ଅଗ୍ରୱାଲ, ରାମ ନାଏକ, ଜୟପ୍ରକାଶ ନାରାୟଣ ସାହୁ, ଦେବେନ୍ଦ୍ର ନାଏକ, ସାମ୍ବାଦିକ ରାଜକୁମାର ମାହାଣା, ରାଜେଶ ମେହେର, କଲ୍ୟାଣ ନାଏକ, କପିଳାସ ସେଠ, ଭୋଲା କୁମାର ବର୍ମା, ସୁକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ମହାନଦୀରୁ ମିଳିଲା ବିରାଟ ବୁଦ ମାଛ

ବୌଦ୍ଧ,୧।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଦେଇ ଚିରସ୍ରୋତା ମହାନଦୀ ବହି ଯାଇଥିବା ବେଳେ ସୋମବାର ଦିନ ମହାନଦୀରୁ ଏକ ବିରାଟ ବୁଦ ମାଛ ଧରାଯାଇଛି । ମହାନଦୀର ଅପରପାର୍ଶ୍ୱ ଅନୁଗୋଳ ଜିଲା ବୁରଘାଟଠାରେ ମହାନଦୀରେ ଜାଲ ଟାଣିଥିବା ବେଳେ ୫୦ କିଲୋ ଓଜନର ଏକ ବିରାଟକାୟ ବୁଦମାଛ ସେହି ଜାଲରେ ପଡିଥିଲା। ଉକ୍ତ ମାଛକୁ ବୌଦ୍ଧ ବଜାରକୁ ବିକ୍ରି କରିବା ପାଇଁ ଏକ ସ୍କୁଟିରେ ଅଣାଯାଉଥିବା ବେଳେ ମାଛକୁ ଦେଖିବା ପାଇଁ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା । ବର୍ତ୍ତମାନ ବର୍ଷାଋତୁରେ ଏହି ମାଛ ମହାନଦୀରେ ଅଧିକ ସଂଖ୍ୟାରେ ଦେଖାଦେଇଥାନ୍ତି । ଏହାର ଚାହିଦା ମଧ୍ୟ ବଜାରରେ ଅଧିକ ରହିଛି। ମାଛର ବଜାର ଦର ପ୍ରାୟ ୧୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ବର୍ଷା ହୋଇ ନଦୀରେ



ବୌଦ୍ଧ ବ୍ରିଜ ଉପରେ ବୁଦ ମାଛ।

ପାଣି ଅଧିକ ହେଲେ ଏହାଠାରୁ ଆହୁରି ବଡ ମାଛ ମିଳିବ ବୋଲି ମତ୍ସ୍ୟଜୀବୀମାନେ ପ୍ରକାଶ କରିଛନ୍ତି ।

## ଫେରାର ଅଭିଯୁକ୍ତ ଛତିଶଗଡ଼ରୁ ଗିରଫ

ଅମରପାଲି,୧।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଲେହେଡି ଗ୍ରାମରେ ବିଭିନ୍ନ ସମୟରେ ଆତଙ୍କ ଚଳାଇଥିବା କୃତ୍ତିବାସ ବେହେରା(ହାଡୁ)କୁ ଛତିଶଗଡ଼ର ଅମ୍ବିକାପୁରରୁ ଗିରଫ କରିଛି ବୀରମହାରାଜପୁର ପୋଲିସ। ସୂଚନାଯୋଗ୍ୟ ଲେହେଡି ଗ୍ରାମରେ ଗତ ଜୁନ ୨୦ରେ କୃତ୍ତିବାସ ସେହି ଗ୍ରାମର ମମତା ବେହେରାଙ୍କ ଘର ଆଜବେଷ୍ଟସ ଭାଙ୍ଗି ଘର ଭିତରକୁ ପଶିଥିଲେ। ସେଠାରେ ସେ ନାନା ଧମକଚମକ ଦେବା ସହିତ ଆକ୍ରମଣ କରି ଫେରାର ହୋଇଥିଲେ। ପରେ ଏନେଇ ବୀରମହାରାଜପୁର ଥାନାରେ ମମତା ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୧୯୮/୨୪) ରୁଜୁ କରିଛି। ହିକୁଡି ଫାଣ୍ଡି ଅଧିକାରୀ ଏହାର ତଦନ୍ତ କରିଥିଲେ। ପରେ କୃତ୍ତିବାସଙ୍କୁ ଜାମିନରେ ଛାଡିଥିଲା ପୋଲିସ। ଏହି ଘଟଣାକୁ ନେଇ ହିକୁଡି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସପ୍ତାହେ ପୂର୍ବେ ବୀରମହାରାଜପୁର ଥାନାରେ ଧାରଣା ଦେବାକୁ ଆସିଥିଲେ। ଏହି ଘଟଣାରେ ବୀରମହାରାଜପୁର ବିଧାୟକ ଇଂ .ରଘୁନାଥ ଜଗଦଲା ଥାନାକୁ ଆସି ତୁରନ୍ତ ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁବର୍ଣ୍ଣପୁର ଜିଲା ଆରକ୍ଷୀ ଅଧୀକ୍ଷକ ୟସ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶରେ ଓ ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୀରମହାରାଜପୁର ଥାନା ଅଧିକାରୀ ଶୋଭାକର ସେଟ ଓ ହିକୁଡି ଫାଣ୍ଡି ଅଧିକାରୀ ଚକ୍ରଧର ବାରଲେବିଡିଆ ଅନ୍ୟାନ୍ୟ ପୋଲିସ କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଅଭିଯୁକ୍ତଙ୍କୁ ଛତିଶଗଡ଼ର ଅମ୍ବିକାପୁରରୁ ସୋମବାର ସକାଳୁ ଧରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବୀରମହାରାଜପୁର ପୋଲିସ। ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ବିଶ୍ୱ ହିନ୍ଦୁ ପରିଷଦର ବୈଠକ



ବୀରମହାରାଜପୁରରେ ବିଶ୍ୱ ହିନ୍ଦୁ ପରିଷଦର ବୈଠକରେ କର୍ମକର୍ତ୍ତା।

ଅମରପାଲି, ୧।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ତ୍ରିବେଣୀ ଛକ ନିକଟରେ ଥିବା ଦୁର୍ଗା ମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଭାରତ ମାତାଙ୍କ ଫଟୋଚିତ୍ରକୁ ପୂଜାର୍ଚ୍ଚନା କରାଯାଇ ଥିଲା। ବୀରମହାରାଜପୁର ପ୍ରଖଣ୍ଡର ଉକ୍ତ ବୈଠକରେ ସଂଘର ଜିଲା କାର୍ଯ୍ୟକାରୀ ସଭାପତି ନୀଳାମ୍ବର ହୋତା ଅଧ୍ୟକ୍ଷତା କରିଥିଲେ। ପ୍ରଖଣ୍ଡ ସଭାପତି ଦୁର୍ଯ୍ୟୋଧନ ମେହେର,ସମ୍ପାଦକ ତ୍ରିନାଥ ସାହୁ, ବଜରଙ୍ଗ ସହ ସଂଯୋଜକ ରମାକାନ୍ତ ହୋତା, ଜିଲା ସତସଙ୍ଗ ପ୍ରମୁଖ ରାକେଶ ବାରିକ, ମାତୃଶକ୍ତିର ଗୀତାଞ୍ଜଳି ସିଂ,ବିକାଶ ସିଂ ପ୍ରମୁଖ ଯୋଗଦେଇ ନିଜର ମତବ୍ୟକ୍ତ କରିବା ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବିଶେଷ କରି ଉକ୍ତ ବୈଠକରେ ସଙ୍ଗଠନର ଉଦ୍ଦେଶ୍ୟ, କାର୍ଯ୍ୟପ୍ରଣାଳୀ, ହିନ୍ଦୁ ବିରୋଧରେ ହେଉ ଥିବା ଷଡ଼ଯନ୍ତ୍ର ବିଷୟରେ ଆଲୋଚନା କରାଯାଇଥିଲା। ସନ୍ଧ୍ୟାରେ ବୀରମହାରାଜପୁର ଉପକଣ୍ଠ ରଥିପଡାରେ ସତସଙ୍ଗ କାର୍ଯ୍ୟକ୍ରମ କରାଯାଇଥିଲା। ସତସଙ୍ଗ ଶୁଣିବାକୁ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇଥିଲେ।

## ଗଣ୍ଡା ସମାଜ ଏକତା ମଞ୍ଚ ଗଠିତ

ବରଗଡ଼,୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଗଣ୍ଡା ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଡ଼ଭୋକେଟ୍ ସୁରେନ୍ଦ୍ର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ବିଭିନ୍ନ ବ୍ଲକର ଗଣ୍ଡା ସମାଜର ଲୋକେ ଯୋଗଦାନ କରିଥିଲେ। ଏହି ଅବସରରେ ଗଣ୍ଡା ସମାଜ ଏକତା ମଞ୍ଚ ନାମକ ଏକ ସାମାଜିକ ସଙ୍ଗଠନ ଗଠିତ ହୋଇଥିଲା। ବୈଠକରେ ଡା. ବିଦ୍ୟାଧର ନାଗ ମୁଖ୍ୟଅତିଥି, ସାର୍ତ୍ତିକ ଲୁହା ମୁଖ୍ୟବକ୍ତା, ରାହାସ ଛୁରିଆ, ଡୋଲାମଣି ସୁନା, ଉଦ୍ଧବ ମହାନନ୍ଦ, ରିପୁନାଥ ସୁନା, ରୋହିତସ୍ୱ କୁମ୍ଭାର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଗୌତମ ବୁଦ୍ଧ, ଡ. ବି.ଆର୍ ଆମ୍ବେଡ଼କର ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ସୁରେନ୍ଦ୍ର କୁମାର ତାଣ୍ଡିଙ୍କୁ ସଭାପତି ଏବଂ ଅଭିମନ୍ୟୁ ଭୋସାଗରଙ୍କୁ ସମ୍ପାଦକ ମନୋନୀତ କରାଯାଇଥିଲା। ଗଣ୍ଡା ସମାଜର ଉନ୍ନତି ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ, ରୋଜଗାର, ସାମାଜିକ ସ୍ଥିତି, ନିଶାମୁକ୍ତି, ମହିଳା ସଶକ୍ତିକରଣ ଆଦି କ୍ଷେତ୍ରରେ ଉନ୍ନତି ପାଇଁ ଏକତା ମଞ୍ଚ ଗଠନ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ଉକ୍ତ ସଙ୍ଗଠନରେ ଜିଲାର ସମସ୍ତ ବ୍ଲକ, ପୌରାଞ୍ଚଳର ସଦସ୍ୟମାନଙ୍କୁ ସାମିଲ କରି ସମାଜର ଉନ୍ନତି ପାଇଁ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଗାନ୍ଧି ମହାନନ୍ଦ, ଅମୂଲ୍ୟ ଛତର, ହରିବୋଲ ବାଗ, କେଶବ ମହାନନ୍ଦ, ବିକ୍ରମ ମହାନନ୍ଦ, ସୁରେଶ କୁମ୍ଭାର, ଲଳିତ ମଲ୍ଲିକ, ରାଜା ବାଦୀ, ସଞ୍ଜୟ ଜଗଦଲା, ଅନୁପ ଶିଖା, ସୁବାଷ ଭୋସାଗର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବୈଠକରେ ଗଣ୍ଡା ସମାଜ ଏକତା ମଞ୍ଚର କର୍ମକର୍ତ୍ତା ଏବଂ ଅତିଥିବୃନ୍ଦ।

## ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନର ଶୁଭାରମ୍ଭ

ଅମରପାଲି,୧।୭(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ତରଫରୁ ଆୟୋଜିତ ସମନ୍ୱୀତ ସ୍ୱାସ୍ଥ୍ୟ ସର୍ବେକ୍ଷଣ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ସୋମବାର ଶୁଭାରମ୍ଭ ହୋଇଯାଇଛି। ଅନୁଷ୍ଠିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଡା. ସ୍ୱରୂପ ବେହେରା ଅଧ୍ୟକ୍ଷତା କରିଥିଲେ। ବିପିଏମ ମହେନ୍ଦ୍ର ମିଶ୍ର, ପିଏଚ ଓ ସ୍ୱର୍ଣ୍ଣପ୍ରଭା ଯୁଏଡ, ଡା. ପ୍ରଣବ କୁମାର ମହାପାତ୍ର, ବିଦ୍ୟୁତ୍‌ପ୍ରଭା ଖମାରୀ, ହିମାଂଶୁ ବାରିକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ମହତ ଯୋଜନା ବିଷୟରେ ମତବ୍ୟକ୍ତ କରିଥିଲେ। ଏହା ସହିତ କିପରି ଭାବରେ ମ୍ୟାଲେରିଆ, ଡେଙ୍ଗୁ, ଝାଡ଼ାବାନ୍ତି, ଯକ୍ଷ୍ମା,




ଉପସ୍ଥିତ ଡାକ୍ତର ଓ ଅନ୍ୟ ଅଧିକାରୀ।

କୁଷ୍ଠ ଆଦି ରୋଗର ସମୂଳେ ନିରାକରଣ କରାଯିବ ସେହି ବିଷୟରେ ଆଲୋଚନା ହୋଇଥିଲା। ଡାକ୍ତରଖାନାରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ଯାଇ ରୋଗୀ ଚିହ୍ନଟ କରିବା ସହିତ ସମ୍ପୂର୍ଣ୍ଣ ଟୀକାକରଣ ହୋଇ ନ ଥିବା ଶିଶୁ କିପରି ଟୀକା ନେବ ଏବଂ ହେପାଟାଇଟିସ – ବି ପରୀକ୍ଷା କରି ନ ଥିବା ଗର୍ଭବତୀ ମହିଳାଙ୍କ ଚିହ୍ନଟ କରାଯିବ ଏବଂ ସେମାନଙ୍କ ଟୀକାକରଣର ଆବଶ୍ୟକ ସ୍ଥଳେ ଚିକିତ୍ସା ସୁବିଧା କରିବାର କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଉକ୍ତ ଟୀକାକରଣ ଚଳିତ ଜୁଲାଇ ୧ରୁ ଆରମ୍ଭ ହୋଇ ଆସନ୍ତା ଅଗଷ୍ଟ ୩୧ ପର୍ଯ୍ୟନ୍ତ ହେବ। ଉପଖଣ୍ଡ ଚିକିତ୍ସାଳୟର ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନ କରିବେ। ଆସନ୍ତା ଅଗଷ୍ଟ ୧୦ରୁ ଫାଲେରିଆ ରୋଗ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ହେବ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱେଚ୍ଛାସେବୀ ସାମୂହିକ ଔଷଧ ସେବନ କରିବାରେ ସହଯୋଗ କରିବେ। ଏହି ସବୁ ବିଷୟରେ ତାଲିମ ମଧ୍ୟ ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଡାକ୍ତରଖାନା କର୍ମଚାରୀମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୬୭୦ ଲିଟର ମହୁଲି ମଦ ଜବତ

**କୁତ୍ରା,୧୭(ଦେବାଶିଷ ସାହୁ):** କୁତ୍ରା ଅଞ୍ଚଳରେ ମଦ କାରବାର ବ୍ୟାପକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟି ଦେଇ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୁତ୍ରା ବ୍ଲକର ବିଭିନ୍ନ ସ୍ଥାନରେ ପୋଲିସ ଓ ଅବକାରୀ ବିଭାଗ ତରଫରୁ ଚୋରା ମହୁଲିମଦ ଧରପଗଡ କରାଯାଇଛି। ଘଟଣାରୁ ଜଣାପଡିଛି ଯେ, ସୋମବାର ସକାଳେ ବଡଗାଁ ଅବାକରୀ ବିଭାଗ ଓ କୁତ୍ରା ପୋଲିସ ତରଫରୁ ମିଳିତ ଭାବେ କୁତ୍ରା ବ୍ଲକ ଅନ୍ତର୍ଗତ ଖଟକୁରବାହାଲ ସ୍ଥିତ ମାଲିପଡା ଓ ତେଲିପଡା ଆଦି ସ୍ଥାନରେ ଚଢାଉ କରାଯାଇ ୩୪୨୫ କେଜି ମହୁଲ ପୋଚ ନଷ୍ଟ କରାଯାଇଥିବା ବେଳେ ୬୭୦ ଲିଟର ମହୁଲି ମଦ ଜବତ କରାଯାଇଥିଲା। ତେବେ ଏଥିରେ କାହାରିକି ଗିରଫ କରାଯାଇନାହିଁ । ଏହି ଚଢାଉବେଳେ ବଡଗାଁ ଅତିରିକ୍ତ ତହସିଲଦାର ରମେଶ ବଟେଇ, ଅବକାରୀ ଇନ୍ସିପେକ୍ଟର ଯାଜ୍ଞସେନୀ ପ୍ରଧାନ, ଅବକାରୀ ଏସଆଇ ସୁଧିର କୁମାର ମିଶ୍ର, କୁତ୍ରା ଥାନା ଏଏସଆଇ ବିଜୟ କୁମାର ସୁନା ସମେତ ଏପିଆର ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

### ଟ୍ରକ ଓନର ଆସୋସିଏଶନ କର୍ମକର୍ତ୍ତାଙ୍କ ନାମ ଘୋଷଣା

**ସୁନ୍ଦରଗଡ,୧୭(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ମଲ୍ଟି ଏକ୍ସସେଲ ଟ୍ରକ ଓନର ଆସୋସିଏଶନର ନୂତନ କର୍ମକର୍ତ୍ତାଙ୍କ ନାମ ସୋମବାର ଘୋଷଣା କରାଯାଇଛି। ଆସୋସିଏଶନର ଉପଦେଷ୍ଟା ତଥା ନିର୍ବାଚନ ଅଧିକାରୀ ଜୟ ନାରାୟଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏବଂ ଆସୋସିଏଶନର ସମସ୍ତ ସଭ୍ୟାସଭ୍ୟଙ୍କ ସହମତିରେ ଆଗାମୀ ୨ ବର୍ଷ ପାଇଁ ଆସୋସିଏଶନର ସୁପରିଚାଳନା ପାଇଁ ବିଭିନ୍ନ ପଦପଦବୀ ପାଇଁ କର୍ମକର୍ତ୍ତା ମନୋନୀତ କରାଯାଇଛି। ଆସୋସିଏଶନର ସଭାପତି ସୁକୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ମାନଭଞ୍ଜନ ଦାସ, ଉପସଭାପତି କିଶୋର ଚନ୍ଦ୍ର ପଟେଲ, ସମ୍ପାଦକ ପର୍ଶୁରାମ ସରାଫ, ସହସମ୍ପାଦକ ଅଶୋକ କୁମାର ମହାନ୍ତି ଓ ସନତ ତ୍ରିପାଠୀ, କୋଷାଧ୍ୟକ୍ଷ ଆଶିଷ କୁମାର ତ୍ରିପାଠୀ ମନୋନୀତ ହୋଇଛନ୍ତି। ସମସ୍ତ ନବ ମନୋନୀତ କର୍ମକର୍ତ୍ତାଙ୍କୁ ଆସୋସିଏଶନର ଉପଦେଷ୍ଟା ତ୍ରିପାଠୀ ଶପଥପାଠ କରାଇଥିଲେ। ଶେଷରେ ଆସୋସିଏଶନର ସମ୍ପାଦକ ପର୍ଶୁରାମ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରା ରୋପଣ

**କୁଆଁରମୁଣ୍ଡା,୧୭(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ବନ ମହୋତ୍ସବ ଅବସରରେ ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। କୁଆଁରମୁଣ୍ଡା ରେଞ୍ଜର ପଞ୍ଚନାରାୟଣ ସରାଫଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା.ଶ୍ରୀମନ୍ତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଡା. ଅମିତ ଦାସ, ଡା.ସୀମା ତିଗା,ଡା.ଅମ୍ଳାନୀ ରାଉଳଙ୍କ ସମେତ ବିପିଏମ ଶିବାନୀ ନାଏକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଏଥିରେ ବନ ବିଭାଗ ପକ୍ଷରୁ ବନପାଳ ଦୁଃଖୁ କିସାନ, ବନରକ୍ଷୀ ସ୍ନେହାଙ୍ଗିନୀ କାକ,ଗୁଲସନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୭୫ତମ ବନ ମହୋତ୍ସବ

**ଲହୁଣୀପଡା,୧୭(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଲୁଗୁଡାଠାରେ ସୋମବାର ବାଙ୍କୀ ବନାଞ୍ଚଳ ଓ କେ. ବଲାଙ୍ଗ ସେକ୍ସନ ପକ୍ଷରୁ ବନ ମହୋତ୍ସବ ଉପଲକ୍ଷେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡା. ମନୋଜ କୁମାର ସିଂ, କେ. ବଲାଙ୍ଗ ସରପଞ୍ଚ ସୁପ୍ରିୟା ମୁଣ୍ଡା, ସମିତି ସଭ୍ୟ ଶାନ୍ତି ନନ୍ଦ ଟିଗା ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଝାରବେଡା ଜପ୍ତି ଜଙ୍ଗଲ ଲୁଗୁଡାଠାରେ କାମ୍ପା ଯୋଜନା ପକ୍ଷରୁ ୫୦ ହେକ୍ଟର ଜମିରେ ୨୫ ହଜାର ଚାରା ରୋପଣ କରାଯିବ ବୋଲି ଜଣାପଡିଛି। ଫରେଷ୍ଟର ଗୋପାଳ ଓରାମ, ରାଜେଶ କୁମାର ଜ୍ୟୋତିଷ, ବନରକ୍ଷୀ ବିଶ୍ୱଜିତ ପଣ୍ଡା,ସମୀର ପାତ୍ର, ଶୁସାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ରେହ୍ଲାଡୁ, ଲୁଗୁଡାର ବନ ସୁରକ୍ଷା ସମିତିର ସଦସ୍ୟା ସଦସ୍ୟଙ୍କ ସହଯୋଗରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରେହ୍ଲାଡୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଯୋଗଦେଇ ଚାରା ରୋପଣ କରିଥିଲେ।

# ପ୍ରଥମ ଦିନରେ ୨୨୦ ଚାରା ରୋପଣ

**ସୁନ୍ଦରଗଡ,୧୭(ଜୟ ନାରାୟଣ ମେଣ୍ଡୁଲି)**



କୁର୍ଲାଡୁଙ୍ଗୁରୀ ପାହାଡ଼ ପାର୍ଶ୍ୱରେ ସାଗରପାଲି ବନ ସୁରକ୍ଷା ସମିତି ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

ସୁନ୍ଦରଗଡ ବନଖଣ୍ଡ ଅନ୍ତର୍ଗତ ଉଜ୍ଜଳପୁର ବନାଞ୍ଚଳର ସାଗରପାଲି ବନ ସୁରକ୍ଷା ସମିତିରେ ସୋମବାର ଠାରୁ ବନ ମହୋତ୍ସବ ସପ୍ତାହର ଶୁଭାରମ୍ଭ ହୋଇଯାଇଛି। ଉଜ୍ଜଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶ୍ରମଦାନ ମାଧ୍ୟମରେ ବୃକ୍ଷରୋପଣ, ସଚେତନତା ବୈଠକ, ବିହନ ବଲ ରୋପଣ, ନିଜ ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ସାଗରପାଲି ବନ ସୁରକ୍ଷା ସମିତିଠାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମଙ୍ଗସପୁର ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମୁଣ୍ଡା, ସମ୍ମାନୀତ ଅତିଥି ପରିବେଶବିତ ତଥା ଝାରସୁଗୁଡା ଜିଲାର ବନ୍ୟପ୍ରାଣୀ ସଂରକ୍ଷକ ପ୍ରହଲ୍ଲାଦ ନାଏକ, ମଙ୍ଗସପୁର ପଞ୍ଚାୟତର ନାଏବ ସରପଞ୍ଚ ଦେବାନନ୍ଦ ରୋହିଦାସ ଯୋଗଦେଇ ଗ୍ରାମବାସୀଙ୍କ ସହ ଚାରା ରୋପଣ କରିବା ସହିତ ଜଙ୍ଗଲ ଓ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ସହଯୋଗୀ ଅନୁଷ୍ଠାନ ସେବକର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ କାର୍ଯ୍ୟକ୍ରମ ପରିଚାଳନା କରି ଶ୍ରମଦାନ ମାଧ୍ୟମରେ ବୃକ୍ଷରୋପଣ, ବିହନ ବଲ ପ୍ରସ୍ତୁତି ଓ ପ୍ରୟୋଗ, ସବୁଜ ସ୍ମୃତି ଅଭିଯାନ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହି ଅବସରରେ ସାଗରପାଲି ବନ ସୁରକ୍ଷା ସମିତିର କୁର୍ଲାଡୁଙ୍ଗରୀ ପାହାଡ ପାର୍ଶ୍ୱରେ ଥିବା ଏକ ଖାଲି ସ୍ଥାନରେ ଶ୍ରମଦାନ ମାଧ୍ୟମରେ ୨୨୦ ଟି ଚାରା ରୋପଣ କରାଯାଇଥିଲା। ଚଳିତ ବନ ମହୋତ୍ସବ ସପ୍ତାହରେ ଆହୁରି ୩୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରିବେ ବୋଲି କହିଛନ୍ତି ସାଗରପାଲି ବନ ସୁରକ୍ଷା ସମିତିର ସଭାପତି ବିକାଶ ପଟେଲ। ଏହି ଅବସରରେ ଗାଁର ମହିଳାଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବା ୮୦୦ରୁ ଉର୍ଦ୍ଧ୍ୱ ବିହନ ବଲ ମଧ୍ୟ ରୋପଣ କରା ଯାଇଥିଲା। ଚଳିତ ବର୍ଷ ସ୍ୱଚ୍ଛାସେବୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ବିହନ ବଲ ପ୍ରସ୍ତୁତିର ତାଲିମ ଦିଆ ଯିବା ସଙ୍ଗେ ସଙ୍ଗେ ଉଜ୍ଜଳପୁର ବନାଞ୍ଚଳର ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ୧ ହଜାରରୁ ଉର୍ଦ୍ଧ୍ୱ ବିହନ ବଲ ପ୍ରସ୍ତୁତି କରି ବନ ମହୋତ୍ସବ ସପ୍ତାହରେ ରୋପଣ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥି ନିମନ୍ତେ ଚଳିତ ଗ୍ରୀଷ୍ମ ଋତୁରୁ ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ବିଭିନ୍ନ ମଞ୍ଜି ସଂଗ୍ରହ କରି ବିହନ ବଲ ପ୍ରସ୍ତୁତି କରାଯାଉଛି। ଏଥି ସହିତ ସବୁଜ ସ୍ମୃତି ଅଭିଯାନର ଆବାହକ ଦିଗାମ୍ବର ଉପାଧ୍ୟାୟ ନିଜ ପରିବାରର ସ୍ମରଣୀୟ ଦିବସରେ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରି ଆଜୀବନ ଏହାର ସୁରକ୍ଷା ନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମା' ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମରେ ସାଗରପାଲି ଗ୍ରାମର ବିକାଶ ପଟେଲ, ଭାରତୀ ପଟେଲ, ଦେବାନନ୍ଦ ମହାଲିଙ୍ଗ ଓ କୁନ୍ତଳା ମହାଲିଙ୍ଗ ନିଜର ମା'ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରିଥିଲେ।

## ପୋଲିସ ପକ୍ଷରୁ ନୂତନ ଆଇନକୁ ନେଇ ସଚେତନତା କାର୍ଯ୍ୟକ୍ରମ

**କୁତ୍ରା,୧୭(ଦେବାଶିଷ ସାହୁ)**

ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାକୁ ନେଇ କୁତ୍ରା ଥାନା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ସଚେତନ ନାଗରିକ, ସାମାଜିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଥାନା ଅଧିକାରୀ ବିଶି ଲାଗୁ ହୋଇଥିବା ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩, ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ସମ୍ପର୍କରେ ଅବଗତ କରାଇବା ସହ ଆଗକୁ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାରେ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଥାନାର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଜୁଏଲଙ୍କୁ ଏସ୍‌ଏସ୍‌ଡି ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା



ଶିକ୍ଷକ ସଂଘ ପକ୍ଷରୁ ଜୁଏଲ ଓରାମଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସୁନ୍ଦରଗଡ,୧୭(ଜୟ ନାରାୟଣ ମେଣ୍ଡୁଲି)**

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସୁନ୍ଦରଗଡରେ ସୋମବାର ଓଡିଶା କଲ୍ୟାଣ ବିଭାଗ ଶିକ୍ଷକ ସଂଘ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସ୍ଥାନୀୟ ସାର୍କିଟ ହାଉସ ଠାରେ ଓଡିଶା କଲ୍ୟାଣ ବିଭାଗ ଶିକ୍ଷକ ସଂଘ ସଭାପତି ଚନ୍ଦ୍ରମଣି ତାଜନଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ଶେଷଦେବ ନନ୍ଦ,ଉପଦେଷ୍ଟା ପ୍ରମୋଦ କୁମାର ପଟେଲ ଓ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ମନ୍ତ୍ରୀ ଓରାମଙ୍କୁ ପୁଷ୍ପଗଛ ଦେଇ ସମ୍ବର୍ଦ୍ଧନା ଜଣାଇବା ସହ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଓରାମ କହିଥିଲେ, ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରଚେଷ୍ଟା ଓ କାର୍ଯ୍ୟାବଳୀ ରାଜ୍ୟର ବିକାଶ ଓ ଉନ୍ନତି ପାଇଁ ଉଲ୍ଲେଖନୀୟ। ଆଜି ପର୍ଯ୍ୟନ୍ତ ସେମାନଙ୍କର ନ୍ୟାର୍ଯ୍ୟ ଦାବି ଗୁଡିକ ପୂରଣ ହୋଇ ପାରିନାହିଁ। ସେହି ସବୁକୁ ସରକାର ଅତି ଗୁରୁତର ସହ ନେଇ ଏହାର ଯଥାଶୀଘ୍ର ପୂରଣ ପାଇଁ ପଦକ୍ଷେପ ନେବେ ବୋଲି କେନ୍ଦ୍ର ମନ୍ତ୍ରୀ ଓରାମ ପ୍ରତିଶ୍ରୁତି ଦେଇଛନ୍ତି।

## ଶିବା ସିମେଣ୍ଟ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳିତ



କାର୍ଯ୍ୟକ୍ରମରେ ଶିବା ସିମେଣ୍ଟର କର୍ମକର୍ତ୍ତା ଓ ଅନ୍ୟମାନେ।

**କୁତ୍ରା, ୧୭(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକସ୍ଥିତ ଶିବା ସିମେଣ୍ଟ ୟୁନିଟ ମୁଖ୍ୟ ଅନିଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସୋମବାର ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଡାକ୍ତର ସରୋଜ କୁମାର ନନ୍ଦ, ଡା. ଶୋଭନ ନାୟକ, ଡା. ପ୍ରିୟଙ୍କା ବାରିକ, ଡା. ନିଶାପ୍ରିତି ଏକ୍କା ଯୋଗ ଦେଇଥିଲେ। ଏହି ଅବସରରେ କାରଖାନାର ଅପରେଶନ ବିଭାଗ ମୁଖ୍ୟ ଅନିଲ ସିଂ ଯୋଗଦେଇ ଡାକ୍ତରମାନଙ୍କ ନିକଟରେ ରହିଥିବା ସେବା ମନୋବୃତ୍ତି ପ୍ରସଙ୍ଗରେ ମତଦେଇ ଏହି ଦିବସ ପାଳନ ଅବସରରେ ସମସ୍ତ ଡାକ୍ତରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହା ସହ ଏଠାରେ ଉପସ୍ଥିତ ସମସ୍ତ ଡାକ୍ତରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟପକ୍ଷରେ ଡା. ନନ୍ଦ ଡାକ୍ତରମାନଙ୍କୁ ସମ୍ମାନିତ କରିବା ପାଇଁ ଶିବା ସିମେଣ୍ଟର ଏଭଳି ଆୟୋଜନକୁ ସାଧୁବାଦ ଜଣାଇଥିଲେ। ଆଗକୁ ରୋଗୀ ସେବାରେ ଅଧିକ ମନୋନିବେଶ ପାଇଁ ଏଭଳି କାର୍ଯ୍ୟକ୍ରମ ଉତ୍ସାହ ପ୍ରଦାନ କରିବ ବୋଲି କହିଥିଲେ। ଏହି ଅବସରରେ ଶିବା ସିମେଣ୍ଟ କାରଖାନାର ଅମରଦିପ ମହାନ୍ତି, ବିକାଶ ଉପାଧ୍ୟାୟ, ଅମିତ ରୁଣ୍ଟଲା, କୋତୁକ ଶ୍ରୀବାସ୍ତବ, ସୁନିଲ କୁମାର ନାଥ, ଅଙ୍କିତ ତିଆରି, ବିନୋଦ ମାଣ୍ଡଲେ ପ୍ରମୁଖ ବିଭିନ୍ନ ବିଭାଗର ମୁଖ୍ୟ ଯୋଗ ଦେଇ ଡାକ୍ତର ଦିବସ ପାଳନ ସହ ଡାକ୍ତରମାନଙ୍କ ମାନବ ସେବାରେ ସେମାନଙ୍କ ଅବଦାନ ପାଇଁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସିଏଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ ପରିଚାଳନା କରିବା ସହ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଶିବା ସିମେଣ୍ଟ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରିବା ସହ ଆଗକୁ ମଧ୍ୟ ସହଯୋଗ ପ୍ରଦାନ କରିବ ବୋଲି କହିଥିଲେ। ସିଏସଆର ବିଭାଗ ଅଧିକ୍ଷକ ଆଲେଖ କୁମାର ଦଳେଇ ଓ ଲିମାରୋଜ ଲାକରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲା ସ୍ତରୀୟ ଯୋଗାଣ ସହାୟକ ସମାବେଶ

**ବଡ଼ଗାଁ,୧୭(ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ରବିବାର ଜିଲା ସ୍ତରୀୟ ଯୋଗାଣ ସହାୟକ ସମାବେଶ ଜିଲା ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବଡ଼ଗାଁ ଯୋଗାଣ ସହାୟକ ସଂଘ ଆନୁକୂଲ୍ୟରେ ହୋଇଥିବା ଏହି ସମାବେଶରେ ଯୋଗାଣ ସହାୟକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଯୋଗାଣ ସହାୟକମାନେ କରୋନା ସମୟରେ ଗୁରୁଦାୟିତ୍ୱ ବହନ କରିଥିବା, ଗ୍ରାମ ପଞ୍ଚାୟତର ଚାଉଳ ବଣ୍ଟନ ସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ନୂତନ ଜିଲା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଗୋବିନ୍ଦ ଚନ୍ଦ୍ର ବେହେରା ରହିଥିବା ବେଳେ ଉପସଭାପତି ସୁଧିର ଟପ୍ପୋ, ସମ୍ପାଦକ ପୁତୁଲ ସରକାର, ଯୁଗ୍ମ ସମ୍ପାଦିକା ବିଜୟା ଲକ୍ଷ୍ମୀ ରୋହିଦାସ, କୋଷାଧ୍ୟକ୍ଷ ଚନ୍ଦନ କୁମାର ସାହୁ, ସହ କୋଷାଧ୍ୟକ୍ଷ ଅର୍ଜୁନ ବଡନାୟକ, ଗଣମାଧ୍ୟମ ସଂଯୋଜକ ଭାବେ ଡିଲେଶର ନାଏକଙ୍କୁ ଚୟନ କରାଯାଇଥିଲା। ଏହି ସମାବେଶରେ ଜିଲାର ୧୭ଟି ବ୍ଲକର ବ୍ଲକ ପ୍ରତିନିଧି କମିଟି ସଦସ୍ୟ ଜିତେନ୍ଦ୍ର ସାହୁ, ମନୋଜ କୁମାର ମହନ୍ତ,ଉଦୟ ନାଥ ବିଶାଳ,ଶୁଶିଲ ଟପ୍ପୋ,ସୁଜିତ କୁମାର ସାହୁ, ମମତା ବଡାଇକ, ସହଦେବ ସିଂ, ରାହୁଲ ସାହୁ, ସଞ୍ଜୀବ କୁମାର ନନ୍ଦ, କିରଣ ଜୟପୁରିଆ,ଦେବଦତ୍ତ ପୃଷେଟ, ଡୁଲେଶର ସା,ଝସକେତନ ବାରିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସଭା ଆରମ୍ଭରେ ପୂର୍ବତନ ସମ୍ପାଦକ ଅଲିରାମ ସାହୁ ସଂଘର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। କୋଷାଧ୍ୟକ୍ଷ ଚନ୍ଦନ କୁମାର ସାହୁ ସଂଘ ଆୟବ୍ୟୟ ବିବରଣୀ ଉପସ୍ଥାପନା କରିଥିଲେ। ଶେଷରେ ଜିଲା ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଜଗାଙ୍ଗପୁର ବିଧାୟକ



ବିଧାୟକ ଡ. ସିଏସ ରାଜନ ଏକ୍କା ସୋମବାର ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

**ରାଜଗାଙ୍ଗପୁର,୧୭ (ଅଶୋକ ପାଣି)**

ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜନ ଏକ୍କା ସୋମବାର ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ରାଜ୍ୟ ଅତିଥି ଭବନରେ ଭେଟି ଶୁଭେଚ୍ଛା ଜଣାଇବା ସହ ରାଜଗାଙ୍ଗପୁରର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅବଗତ କରାଇଥିଲେ। ରାଜଗାଙ୍ଗପୁରକୁ ଏକ ସବ୍‌ଡିଭିଜନ କରିବା,ରେଳ ଓଭରବ୍ରିଜ କାମକୁ ତ୍ୱରାନ୍ୱିତ କରି ଶୀଘ୍ର ଶେଷ କରିବା, ଘୋଘର ଓ ବେଦବ୍ୟାସ ଶୈବପୀଠର ଉନ୍ନତିକରଣ,ଅନୈତିକ ଭାବେ ଆଦିବାସୀଙ୍କ ଜମି ଅଧିଗ୍ରହଣ, ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ୟୁପିଏଚସି କରିବା, ରାଜଗାଙ୍ଗପୁରରେ ଏକ ଟ୍ରୋମା ସେଣ୍ଟର କରିବା,ଏକ ଏଆରଟିଓ ଅଫିସ ଖୋଲିବା ପ୍ରସଙ୍ଗ ରହିଥିଲା।

## ସିପିଆଇଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ବିଜୟ ଶୋଭାଯାତ୍ରା

**ଟେନ୍‌ସା,୧୭(ସମୀର କୁମାର ପାଢୀ)**



ସିପିଆଇଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସୋମବାର କୋଇଡା ବ୍ଲକ ବିମଲାଗଡ ମୁଖ୍ୟ ରାସ୍ତାରୁ ବଜାର ଦେଇ ରେଳ ସାଇଡିଂ ପର୍ଯ୍ୟନ୍ତ ଏକ ବିଜୟ ଶୋଭାଯାତ୍ରା କରି ଲୋକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଦିବାସୀ ପାରମ୍ପାରିକ ବସ୍ତ୍ର, ବାଦ୍ୟ , ନୃତ୍ୟ ସହ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିପିଆଇଏମ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ, ଶ୍ରମିକ ନେତା ହୃଦାନନ୍ଦ ଯାଦବ, ଆନନ୍ଦମାସୀ ହର, ଲାଦୁ ମହାନ୍ତ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ଥିଲେ। ଶେଷରେ ରେଳ ସାଇଡିଂ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ବିଧାୟକଙ୍କ ସୂଚନାଯାୟୀ, ପର୍ଯ୍ୟାୟ କ୍ରମେ ରକ୍ସି, କାଲଟା ପଞ୍ଚାୟତ ଠାରେ ବିଜୟ ଶୋଭାଯାତ୍ରା କରି ଲୋକଙ୍କ ନିକଟରେ ପହଞ୍ଚିବୁ ।

## ବାଲିଶଙ୍କରା କଲ୍ୟାଣ ମଣ୍ଡପ ସମ୍ମୁଖରେ ବର୍ଷାଜଳ

**ବାଲିଶଙ୍କରା,୧୭(ହୃଦାନନ୍ଦ ବାରିକ)**

ସୁନ୍ଦରଗଡ ଜିଲା ବାଲିଶଙ୍କରା ପଞ୍ଚାୟତ ଚାନ୍ଦିନୀଛକ କଲ୍ୟାଣ ମଣ୍ଡପ ସମ୍ମୁଖରେ ପାଣି ଜମି ରହୁଛି। ଉକ୍ତ ରାସ୍ତା ଦେଇ ନିୟମିତ ଛାତ୍ରୀଛାତ୍ର କଲେଜ, ଜନସାଧାରଣ ବିଭିନ୍ନ କାମ ପାଇଁ ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ, ଗ୍ୟାସ ବିତରକ କେନ୍ଦ୍ରକୁ ଯିବା ଆସିବା କରୁଛନ୍ତି। ହେଲେ ସାମାନ୍ୟ ବର୍ଷାରେ ପାଣି ଜମି ସମସ୍ୟା ସୃଷ୍ଟି କରୁଛି। ତୁରନ୍ତ ଡ୍ରେନ ନିର୍ମାଣ ପାଇଁ ବାଲିଶଙ୍କରାବାସୀ ଦାବି କରିଛନ୍ତି। ଏନେଇ ବାଲିଶଙ୍କରା ବିଡିଓ ଜ୍ୟୋର୍ତିମୟୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ତାହା ସମ୍ଭବପର ହୋଇପାରିନାହିଁ ।

## ୨୨ ଅଭିଯୋଗର ତତ୍‌କ୍ଷଣାତ ସମାଧାନ

**ସୁନ୍ଦରଗଡ଼,୧୭(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ସଦଭାବନା ଭବନ ପରିସରରେ ସୋମବାର ଜିଲାପାଳ ଡ. ପରାଗ ଗଭାଲି ଏବଂ ପୋଲିସ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ଦ୍ୱାରା ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟ ୯୭ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୭୫ଟି ବ୍ୟକ୍ତିଗତ,୨୨ ସାମୂହିକ ଅଭିଯୋଗ ରହିଥିଲା। ୨୭ ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ସେଥି ମଧ୍ୟରୁ ୧୪ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଏବଂ ୩ଟି ରେଡ କ୍ରସରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା। ଅଭିଯୋଗ ଗୁଡ଼ିକ ମଧ୍ୟରେ ବିଦ୍ୟୁତ୍ ସମସ୍ୟା, ରାସନ କାର୍ଡ, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟ, ଭତ୍ତା ଆଦି ପ୍ରମୁଖ ରହିଥିଲା। ଏଥିରେ ସୁନ୍ଦରଗଡ଼ ଆଞ୍ଚଳିକ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେ, ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲାପରିଷଦ ପରିଷଦ ଦୁଃଖବନ୍ଧୁ ନାୟକ, ସଦର ଉପଜିଲାପାଳ ଦାଶରଥି ସରାବୁ, ଆଇଏଏସ ଶିକ୍ଷାନବିସ ଇମ କୁମ ଆଇ ଓ ଜୁକୁମ ଏବଂ ସମସ୍ତ ଜିଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



## ନୂତନ ଆପରାଧିକ ଆଇନ କାର୍ଯ୍ୟକାରିତା ଉପରେ ସଚେତନତା

**ବଡ଼ଗାଁ,୧୭(ଅଶୋକ ଷଡ଼ଙ୍ଗୀ)**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନ ପ୍ରତିନିଧି, ରାଜନୈତିକ ଦଳର କର୍ମକର୍ତ୍ତା ଓ ପୋଲିସ।

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ପରିସରରେ ସୋମବାର ଅପରାହ୍ନରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ସରପଞ୍ଚ ସଂଘ ସଭାପତି ଯୋଗିନ୍ଦ୍ର କିସାନ, ସରପଞ୍ଚ ସଂଘ କର୍ମକର୍ତ୍ତା ମେନକା କାଲୋ, ସୁଦୀପ ବାଡା, ଗୋବର୍ଦ୍ଧନ ହାହା, ସୁନ୍ଦର୍ ସାମୁଏଲ ସଏ, ଶ୍ୟାମ ସୁନ୍ଦର ଲାକ୍ରା, ଆସିସାନ କେର୍କେଟା, ରଜେଶ୍ୱରୀ କାଲୋ, ରଜନୀ ବା, ସୁକ୍ରିତା ବିଶାଳ, ସାଇବାନୀ ଲାକ୍ରା, ସୁରୁଚି ବାଡ଼ାଙ୍କ ସହିତ ସରପଞ୍ଚ ଓ ସମିତି ମେମ୍ବରମାନେ ଯୋଗଦେଇଥିଲେ। ଏହି ସଚେତନତା ସଭାରେ ଆଇଆଇସି ଆଶିଷ କୁମାର ଜେନା ଓ ସବ ଇନ୍ସପେକ୍ଟର ଶ୍ୟାମଲାଲ ଓରାମ, ଜନ ପ୍ରତିନିଧି ଏବଂ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଉପରେ ବୁଝାଇଥିଲେ। ୧୮୬୦ରେ ଇଂରେଜଙ୍କ ଦ୍ୱାରା ପ୍ରଣୀତ ଆଇନ ସେମାନଙ୍କୁ ସୁହାଇଲା ଭଳିଥିଲା। ତେଣୁ ତାକୁ ବଦଳାଇବାର ଆବଶ୍ୟକ ଥିଲା। ଆଇନ ବଦଳାଇବା ସରକାରଙ୍କ ଉଚିତ ପଦକ୍ଷେପ ଓ ଏହା ସମସ୍ତଙ୍କ ପାଇଁ ସୁବିଧା ହେବ ବୋଲି କହିବା ସହିତ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଓ ଭାରତୀୟ ସାକ୍ଷ ଅଧିନିୟମ ୨୦୨୩ ଉପରେ ସମ୍ୟକ ବୁଝାଇଥିଲେ। ବର୍ତ୍ତମାନ ଏହି ନିୟମ ଲାଗୁ ହେଲାପରେ ସାକ୍ଷକଙ୍କ ଭିଡିଓଗ୍ରାଫି କରାଯିବାର ବ୍ୟବସ୍ଥା ହୋଇଛି। କେତେକ କ୍ଷେତ୍ରରେ ଆଜୀବନ ଦଣ୍ଡାଦେଶକୁ ମୃତ୍ୟୁ ଦଣ୍ଡରେ ପରିବର୍ତ୍ତିତ କରାଯାଇଛି। ଏହି ନିୟମ ଦ୍ୱାରା ଅପରାଧକୁ ନିୟନ୍ତ୍ରଣ କରିବା ଓ ନ୍ୟାୟ ପ୍ରଦାନରେ ସହାୟକ ହେବ ବୋଲି ପୋଲିସ ଅଧିକାରୀ କହିଥିଲେ।

## ବନବିଭାଗ ପକ୍ଷରୁ ଚାରା ବିତରଣ

**ହେମଗିର,୧୭(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିରଠାରେ ସୋମବାର ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବନାଞ୍ଚଳ ସ୍ତରୀୟ ଚାରା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହେମଗିର ବିଡିଓ ବିଶ୍ୱନାଥ ସାହୁ,ହେମଗିର ଆଇଆଇସି ପ୍ରଶାନ୍ତ କୁମାର ସାହୁ, କାଶିନାଥ ରାଉତ,ଶୁକାନ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶକୁ ସୁସ୍ଥ ରଖିବା ପାଇ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗଛ ଲଗାଇବା ପାଇ ଆହ୍ୱାନ ଦିଆଯାଇଥିଲା। ବନ ବିଭାଗ ପକ୍ଷରୁ ଲେମ୍ବୁ, ପିଜୁଳି, ଶାଗୁଆନ, ଆମ୍ବ ଆଦିର ଚାରା ବିତରଣ କରାଯାଇଥିଲା। ଏହି ଅବସରରେ ବନବିଭାଗ ପକ୍ଷରୁ ହେମଗିର ରେଞ୍ଜର ପ୍ରକାଶ ଚନ୍ଦ୍ର ନାଏକ,ହେମଗିର ଫରେଷ୍ଟ ସଞ୍ଜୟ କୁମାର ନାଏକଙ୍କ ସମେତ ଅନେକ ବନ୍ଧୁ କର୍ମଚାରୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ହୀରାକୁଦ ମହାବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୭ (ଭବାନୀ ଶଙ୍କର ଭୋଇ)

ହୀରାକୁଦ ମହାବିଦ୍ୟାଳୟରେ ସୋମବାର ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ନ୍ୟାୟ ସଂହିତା, ସାକ୍ଷ୍ୟ ଅଧିନିୟମ ଆଇନ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସୁମିତ୍ରା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଅଧ୍ୟାପକ ଡ.ଅକ୍ଷୟ କୁମାର ସୁତାର, ଅମ୍ରିତ ପଣ୍ଡା ଏବଂ ଅଧ୍ୟାପିକା ମଞ୍ଜୁଲତା ପଣ୍ଡା ଲାଗୁ ହୋଇଥିବା ତିନି ଆଇନ ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଛାତ୍ରୀଛାତ୍ରମାନେ ଉପରୋକ୍ତ ଆଇନ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରି ଆଇନ ବିଷୟରେ ରହିଥିବା ବିଭିନ୍ନ ଦ୍ୱନ୍ଦ ଦୂର କରିଥିଲେ। ମହିଳା ସୁରକ୍ଷା ନେଇ ଆଇନରେ ରହିଥିବା ବିଭିନ୍ନ ପ୍ରାବଧାନ ବିଷୟରେ ଛାତ୍ରୀମାନେ ବିଶେଷଭାବେ ଜାଣିବାକୁ ଚେଷ୍ଟା କରିଥିଲେ। କାର୍ଯ୍ୟକ୍ରମକୁ ଡ ସଞ୍ଜୟ ଜେନା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ମହାବିଦ୍ୟାଳୟର ଡ. ରଜନୀ ଚୌହାନ, ଗୁରୁଦେବ ବାରିକ, ସୌଦାମନି ପ୍ରଧାନଙ୍କ ସମେତ ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହାସହ ମହାବିଦ୍ୟାଳୟର ରେଡକ୍ରସ ଶାଖା ପକ୍ଷରୁ ବନ ମହୋତ୍ସବ ଆୟୋଜନ କରାଯାଇଥିଲା। ଆସନ୍ତା ସାତଦିନ ପର୍ଯ୍ୟନ୍ତ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଏବଂ ପରିବେଶ ସଚେତନତା ନେଇ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ।

### ରଥଯାତ୍ରା ପ୍ରସ୍ତୁତି ବୈଠକ

କୁଚିଣ୍ଡା,୧୭(ବିରଞ୍ଚି ଦର୍ବା)

କୁଚିଣ୍ଡା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପରିସରରେ ସୋମବାର ହେବାକୁ ଥିବା ରଥଯାତ୍ରା ଓ ବାହୁଡା ଯାତ୍ରା ପ୍ରସ୍ତୁତି ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର କମିଟି ଟ୍ରଷ୍ଟି ସତୁଲ୍ୟ କୁମାର ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ। ବୈଠକରେ ରଥ ନିର୍ମାଣ ସହ ରଥଯାତ୍ରା ଓ ବାହୁଡା ଯାତ୍ରା,ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ରହଣି ସମୟରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ବୈଠକରେ ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି, ଫକିର ମୋହନ ବରିହା, ଧିରେନ୍ଦ୍ର ମହାନ୍ତି, ରାଜେନ୍ଦ୍ର ସୋନି, ଦିଲୀପ ଅଗ୍ରୱାଲ, ଗଗନ ଶର୍ମା, ମୀନକେତନ ମିଶ୍ର, ଅଖିଳ ପ୍ରତାପ ସିଂ, ପୂର୍ଣ୍ଣଚନ୍ଦ୍ର ଦାସ, ଚିନ୍ତାମଣି ଶର୍ମା, ପ୍ରଦୀପ୍ତ ଶର୍ମାଙ୍କ ସହ ସମସ୍ତ ସଭ୍ୟାସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପରିବେଶ ସନ୍ତୁଳନ ପାଇଁ ବୃକ୍ଷ ଏକମାତ୍ର ବିକଳ୍ପ

## କିସିଣ୍ଡା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ

ନାକଟୀଦେଉଳ, ୧୭ (ବୈକୁଣ୍ଠନାଥ ସାହୁ)



କିସିଣ୍ଡା ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ୭୫ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଖଳାଶୁଣି ଅଭୟାରଣ୍ୟ କିସିଣ୍ଡା ବନ୍ୟ ପ୍ରାଣୀ ରେଞ୍ଜ ଏବଂ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ବଉଳ, ପିଜୁଳି, ଅଁଳା ଏବଂ ଆଦି ବିଭିନ୍ନ ପ୍ରଜାତିର ୫୦ଟି ଚାରାରୋପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ବନ ମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମରେ କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଅତିଥିଭାବେ କିସିଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ରୀନା ନାଏକ, କିସିଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ଅତୁଲ୍ୟ ପ୍ରସାଦ ରାଉଳ, ସହକାରୀ ଶିକ୍ଷୟିତ୍ରୀ ରୁକ୍ମଣୀ ପ୍ରଧାନ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରିବେଶ ସନ୍ତୁଳନ ଏବଂ ସୁସ୍ଥ ପରିବେଶ ପାଇଁ ବର୍ତ୍ତମାନ ବୃକ୍ଷ ହିଁ ଏକ ମାତ୍ର ବିକଳ୍ପ ବୋଲି ଅତିଥିମାନେ କହିଥିଲେ। ସମସ୍ତେ ପ୍ରତିବର୍ଷ ମା'ଙ୍କ ପାଇଁ ଗଛଟିଏ ଅଭିଯାନରେ ସାମିଲ ହୋଇ ଗଛ ଲଗାଇବା ସହ ତାର ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସିଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଫରେଷ୍ଟର ଅନୁରାଧା ଖରସେଲ, ଭୁବନେଶ୍ୱର ପାଣି, ଫରେଷ୍ଟ ଗାର୍ଡ ଲିଲି ବିଶି, ଗିରିଶ୍ଚନ୍ଦ୍ରପୁର ଫରେଷ୍ଟର ପ୍ରବୀଣ କୁମାର ସାହୁଙ୍କ ସମେତ ବିଭାଗୀୟ କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଗ୍ରାମ ପରିକ୍ରମା କଲା ସଚେତନତା ଶୋଭାଯାତ୍ରା

କୁଚିଣ୍ଡା,୧୭(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତ ୨ କଲେଜରେ ସୋମବାର ୭୫ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ରେଞ୍ଜର ଲେଖାଶ୍ରୀ ମହାନନ୍ଦ ମୁଖ୍ୟ ଅତିଥି, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, କୁଲେଇଗଡ ନାଏବ ସରପଞ୍ଚ ଲମ୍ବୋଦର କୁମୁରା, ଗଗନ ଶର୍ମା, ସାମାଜିକ କର୍ମୀ ସରୋଜ ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହିଅବସରରେ ଅତିଥିଗଣ ବୃକ୍ଷରୋପଣର ମହତ୍ତ୍ୱ ଉପରେ ଆଲୋଚନା କରି ନିଜ ଜନ୍ମଦିନରେ ସମସ୍ତେ ଗୋଟିଏ ଲେଖାଏ ଚାରା ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ବୃକ୍ଷରୋପଣ ଉପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। କୁଚିଣ୍ଡା ରେଞ୍ଜ ଅଧିକାରୀ ଲେଖାଶ୍ରୀ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ମହତ୍ତ୍ୱ ଓ ବନ୍ୟଜନ୍ତୁ ସୁରକ୍ଷା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ପ୍ରକୃତିବନ୍ଧୁ ସୁବାଷ ନାୟକ ମୁଖ୍ୟବ୍ୟକ୍ତାଭାବେ ଯୋଗଦେଇ ବନମହୋତ୍ସବ ବିଷୟରେ ଓ ସମସ୍ତଙ୍କୁ ଜନ୍ମଦିନରେ ଗୋଟିଏ ଲେଖାଏ ଗଛ ରୋପଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସର କୁଲେଇଗଡ ପଞ୍ଚାୟତ ନାଏବ ସରପଞ୍ଚ ଲମ୍ବୋଦର କୁମୁରା, ଗଗନ ଶର୍ମା, ସମାଜସେବୀ ବିଜୁ ସାହୁ, ସାମାଜିକ କର୍ମୀ ସରୋଜ ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣ କରି ବୃକ୍ଷର ଯତ୍ନ ନେବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ସତ୍ୟନାରାରଣ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହିଅବସରରେ କଲେଜ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ଅଧ୍ୟାପିକା ଭାବନା ପାଣ୍ଡେ,ଫରେଷ୍ଟର ଟିକମଚାନ୍ଦ ଚୌଧୁରୀ, ଫରେଷ୍ଟ ଗାର୍ଡ ଅନିତା ନାଏକ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ସୁଧିର କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



କଲେଜ ପରିସରରେ ଛାତ୍ରୀମାନେ ଚାରା ରୋପଣ କରୁଛନ୍ତି।

# ଗଛ ଲଗାଅ, ତା'ର ଯତ୍ନ ନିଅ




ନାକଟୀଦେଉଳ ସ୍ନାତକ ମହାବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ଅତିଥି ଓ ଅନ୍ୟମାନେ।

ନାକଟୀଦେଉଳ,୧୭(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ସ୍ନାତକ ମହାବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସାମୂହିକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ୟୁଥ ରେଡ଼କ୍ରସ, ବନବିଭାଗ ଏବଂ ମିଶନ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆମ୍ବ, ଅଁଳା, କରଞ୍ଜ, ଜାମୁ, ଲେମ୍ବୁ ଏବଂ ଅଶ୍ୱଥ ପ୍ରଭୃତି ୫୦ପ୍ରଜାତିର ଚାରା ମହାବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାକଟୀଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ସମ୍ମାନୀତ ଅତିଥିଭାବେ ବନପାଳ ଅରୁଣ କୁମାର ପ୍ରଧାନ, ମିଶନ ଶକ୍ତିର ବ୍ଲକ ସଂଯୋଜକ ସୌମ୍ୟରଞ୍ଜନ କର୍ଣ୍ଣ ଯୋଗଦେଇ ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ ଏବଂ ବୃକ୍ଷରୋପଣର ଆବଶ୍ୟକତା ସହିତ ମା'ଙ୍କ ନାମରେ ଗଛଟିଏ ଅଭିଯାନରେ ସମସ୍ତେ ସାମିଲ ହୋଇ ଗଛଟିଏ ଲଗାଇବା ସହ ତାର ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ୟୁଥ ରେଡ଼କ୍ରସ ଅଧିକାରୀ ଅଧ୍ୟାପକ ଦେବେଶ ବିଶ୍ୱାଳ, ସମାଜସେବୀ ପ୍ରଦୀପ ବିଶ୍ୱାଳ ବନ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ଦିଗରେ ଛାତ୍ରଛାତ୍ରୀମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଡ଼.ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଅର୍ପଣ କରିଥିଲେ।

## ତାଲାଭାଙ୍ଗି ବ୍ୟବସାୟୀଙ୍କ ଘରୁ ଚୋରି

ସମ୍ବଲପୁର,୧୭(ପ୍ରମୋଦ ବହିଦାର)

ବୁର୍ଲା ବୋର୍ଡ କଲୋନୀରେ ରହୁଥିବା ବ୍ୟବସାୟୀ ମନୋଜ ପାତ୍ର ସପରିବାର ସହିତ ବୁଲିବାକୁ ଯାଇଥିଲେ। କେହି ନଥିବାର ସୁଯୋଗରେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ସୁନା ଅଳଙ୍କାର ସହିତ ନଗଦ ୬୫ ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବୁର୍ଲା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ରବିବାର ସନ୍ଧ୍ୟାରେ ଘରେ ତାଲା ପକାଇ ସପରିବାର କୌଣସି କାମରେ ଯାଇ ବିଳମ୍ବରେ ଫେରିଥିଲେ। ସେ ପଡ଼ୋଶୀ ଲୋକଙ୍କୁ ଡାକି ଏ ସମ୍ପର୍କରେ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିଲା ପରେ ଘର ଖୋଲାଯାଇଥିଲା। ଘର ଭିତରକୁ ଗଲା ପରେ ତାଙ୍କ ଆଲମାରୀ ଖୋଲା ରହିଥିବା ବେଳେ ସେଥିରେ ଥିବା ଗୋଟିଏ ସୁନାହାର, ଦୁଇଟି ଚେନ, ଦୁଇଟି ମୁଦି, ଦୁଇହଳ କାନଫୁଲ ସହିତ ଆଲମାରୀରେ ଥିବା ନଗଦ ୬୫ ହଜାର ଟଙ୍କା ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ।

# ସାମାଜିକ ନ୍ୟାୟ ପ୍ରଦାନରେ ସହାୟକ ହେବ

## ମହିଳା ମହାବିଦ୍ୟାଳୟରେ ନୂତନ ନ୍ୟାୟ ସଂହିତା ସମ୍ପର୍କରେ ଆଲୋଚନାଚକ୍ର



ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିମାନେ।

ସମ୍ବଲପୁର,୧୭(ପ୍ରମୋଦ ବହିଦାର)

ଭାରତ ସରକାରଙ୍କ ଦ୍ୱାରା ଜୁଲାଇ ୧ତାରିଖରେ ଲାଗୁ ହୋଇଥିବା ନୂତନ ନ୍ୟାୟ ସଂହିତାକୁ ନେଇ ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମଗ୍ର ଦେଶରେ ପ୍ରଣୟନ ହୋଇଥିବା ନୂତନ ଆଇନ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସ୍ୱାଗତ ଭାଷଣରେ ସମଗ୍ର ଦେଶରେ ଲାଗୁ ହୋଇଥିବା ନ୍ୟାୟ ସଂହିତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ଜିଲା ମୁଖ୍ୟ ଆଇନ୍ ସହାୟତା ସୁରକ୍ଷା ପରାମର୍ଶଦାତା ଦୁଷ୍ମନ୍ତ ବେହେରା ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା -୨୦୨୩ ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩ର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ସ୍ୱାଧୀନତା ପରିବର୍ତ୍ତୀ କାଳରେ ସମ୍ବିଧାନ ଦ୍ୱାରା ଏହି ବିଧିବ୍ୟବସ୍ଥାର ପରିବର୍ତ୍ତନ ସାମାଜିକ ନ୍ୟାୟ ପ୍ରଦାନରେ ସହାୟକ ହେବ ବୋଲି ମତ ରଖିଥିଲେ। ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ସଭା ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ଅଖିଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପିକା ଡ. ଭାରତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଶତାଧିକ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗଦାନ କରିଥିଲେ।

# ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନିଆଯିବ

## ଉପଭୋକ୍ତାଙ୍କ ସହ ଆଲୋଚନା କଲେ ବିଦ୍ୟୁତ୍ ଅଧିକାରୀ

କୁଚିଣ୍ଡା,୧୭(ବିରଞ୍ଚି ଦର୍ବା)



ସହକାରୀ ଯନ୍ତ୍ରୀ ଓ ସେକ୍ସନ ଅଫିସରଙ୍କ ସହ ଉପଭୋକ୍ତାମାନେ।

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ପଞ୍ଚାୟତର ଅସନ୍ତୁଷ୍ଟ ଉପଭୋକ୍ତାଙ୍କ ସହ ସୋମବାର ହାଡିପାଲି ୩୩/୧୧କେଭି ଗ୍ରୀଡ ସବଷ୍ଟେଶନରେ ସହକାରୀ ଯନ୍ତ୍ରୀ ସୁବ୍ରତ ପଣ୍ଡା ଓ ସେକ୍ସନ ଅଫିସର ସପ୍ତମେନ୍ଦୁ ରାୟ ଆଲୋଚନା କରିଛନ୍ତି। ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କରେ ସହକାରୀ ଯନ୍ତ୍ରୀ ପଣ୍ଡା ଆଲୋଚନା କରି ଖୁବ୍‌ଶୀଘ୍ର ଏଦିଗରେ ସ୍ଥାୟୀ ପ୍ରତିକାର ପୂର୍ବକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ଷା ସମୟରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାରରେ ଗଛଡାଳ ପଡି କାର୍ବନ ହୋଇ ଛିଣ୍ଡିଯାଉଛି। ଏଥିଯୋଗୁ ଇନସ୍ୟୁଲେଟର ଫାଟି ବିଦ୍ୟୁତ୍ ସମସ୍ୟା ଦେଖାଦେଉଛି। ଏହାଛଡା ବିଭିନ୍ନ ଗ୍ରାମରେ ରହିଥିବା ସମସ୍ୟାର ଅତିଶୀଘ୍ର ସମାଧାନ ଉପରେ ସହକାରୀ ଯନ୍ତ୍ରୀ ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ପ୍ରକାଶଥାଉକି, ବାରମ୍ବାର ବିଦ୍ୟୁତ୍ ବିଭ୍ରାଟକୁ ନେଇ ଶନିବାର କୁଟୁରାଚୁଆଁ ପଞ୍ଚାୟତର ଉପଭୋକ୍ତା କୁଚିଣ୍ଡା ବିଦ୍ୟୁତ୍ ଅଫିସ ଘେରାଉ କରିଥିଲେ। ସହକାରୀ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ସେକ୍ସନ ଅଫିସର ରାୟ ସୋମବାର ଆଲୋଚନା କରି ଏହାର ସ୍ଥାୟୀ ପ୍ରତିକାର କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ବିଦ୍ୟୁତ୍ ବିଭାଗ ହାଡିପାଲି ଗ୍ରୀଡ କର୍ମଚାରୀଙ୍କ ସମେତ କୁଟୁରାଚୁଆଁ ପଞ୍ଚାୟତର ଆଶିଷ ସାଥୁଆ, ବୁଲୁ ପଟେଲ, ଡିକୁ ପଟେଲ, ଜଗତବନ୍ଧୁ ପରୁଆ, ଜୟକାନ୍ତ ପରୁଆ, ଶ୍ରୀମନ୍ତ ସାହୁ, ଦୀପେଶ ପଟେଲ, ଭରଦ୍ୱାଜ ପୃଷେଠ, ନିଖିଳ ପାତ୍ର, ଆଲୋକ ମହାପାତ୍ର, ସତ୍ୟବାନ ବାଘ, ରମାକାନ୍ତ ନାୟକଙ୍କ ସହ ବହୁ ସଂଖ୍ୟକ ଉପଭୋକ୍ତା ଉପସ୍ଥିତ ଥିଲେ।

# କୁଚିଣ୍ଡା ଉପଖଣ୍ଡକୁ ଅନୁପ୍ରବେଶମୁକ୍ତ କର

## ଉପଜିଲାପାଳଙ୍କୁ ହିନ୍ଦୁ ସମାଜ ପକ୍ଷରୁ ଦାବିପତ୍ର

କୁଚିଣ୍ଡା,୧୭(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଉପଖଣ୍ଡକୁ ଅନୁପ୍ରବେଶମୁକ୍ତ କରିବାକୁ ଦାବି ଉଠିଛି। ଏ ନେଇ ହିନ୍ଦୁ ସମାଜ ପକ୍ଷରୁ ସୋମବାର କୁଚିଣ୍ଡା ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୧୫ଦିନ ମଧ୍ୟରେ ଅନୁପ୍ରବେଶ ମୁକ୍ତ ପାଇଁ ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନକୁ ବ୍ୟାପକ କରିବାକୁ ଚେତାବନୀ ଦିଆଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, କୁଚିଣ୍ଡା ଉପଖଣ୍ଡ ଅଧୀନ କୁଚିଣ୍ଡା, ବାମରା, ଜମନକିରା ଓ କୁଚିଣ୍ଡା ଏନଏସି ଅଞ୍ଚଳରେ ପ୍ରାୟ ୧୪ହଜାରରୁ ଉର୍ଦ୍ଧ୍ୱ ବାଙ୍ଗଲାଦେଶୀ ବିଭିନ୍ନ କାମ କରିବାକୁ ଆସି ଏଠାରେ ଦୀର୍ଘ ବର୍ଷଧରି ବାସ କରୁଛନ୍ତି। ଅଧିକାଂଶ ରାଜମିସ୍ତ୍ରୀ, କପଡା, ଭଙ୍ଗାଲୁହା ଓ ଟିଣ ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଭଡ଼ାଘରେ ରହି ସ୍ଥାନୀୟ ଯୁବତୀଙ୍କୁ ପ୍ରେମ ବିବାହ କରୁଛନ୍ତି। ପରେ ସ୍ତ୍ରୀଙ୍କ ନାମରେ ଜମି ଜବରଦଖଲ କରି ସ୍ଥାୟୀ ବାସିନ୍ଦା ଭଳି ପରିଚୟ ସୃଷ୍ଟିକରିବା ଉଦ୍ୟମ ଚଳାଇଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ଘଟିଥିବା ଆପରାଧିକ କାର୍ଯ୍ୟକଳାପରେ ସେହି ଅନୁପ୍ରବେଶକାରୀଙ୍କ ହାତ ରହିଥିବା ଜଣାପଡିଛି। ଏହିଅନୁପ୍ରବେଶକାରୀମାନେ ନିଜକୁ ପଶ୍ଚିମବଙ୍ଗ ପ୍ରଦେଶବାସୀ ବୋଲି ଭୋଟର ଓ ଆଧାର କାର୍ଡ ଦେଖାଉଛନ୍ତି। ମାତ୍ର ସର୍ଚ୍ଚ କଲେ ପଶ୍ଚିମବଙ୍ଗ ରାଜ୍ୟର କୌଣସି ତଥ୍ୟ ମିଳୁନାହିଁ। ଅନୁପ୍ରବେଶରେ ରୋକ ଲଗାଇବାକୁ ୨୦୨୧, ୨୨ ଓ ୨୦୨୪ରେ ଏକାଧିକବାର ପ୍ରଶାସନକୁ ସଚେତନ ନାଗରିକ, ବଜରଙ୍ଗ ଦଳ ଓ ହିନ୍ଦୁ ସମାଜ ପକ୍ଷରୁ ଅବଗତ କରାଯାଇଥିଲା। ହେଲେ କୌଣସି ବିହିତ ପଦକ୍ଷେପ ନିଆଯାଇ ନ ଥିବାରୁ ଜନଅସନ୍ତୋଷ ବଢିବାରେ ଲାଗିଛି। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପଜିଲାପାଳ ହେମସାଗର ଭୋଇ ଦାବିପତ୍ର ଗ୍ରହଣ କରି ଏହାର ତଦନ୍ତ ପୂର୍ବକ ପଦକ୍ଷେପ ନେବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ହିନ୍ଦୁ ସମାଜର ପ୍ରଭାତ ଶର୍ମା, ବାନେଶର ବାଦୀ, ରୁଦ୍ରପ୍ରତାପ ଦେଓ, ହୃଦାନନ୍ଦ ଶର୍ମା, ରାମନାରାୟଣ ଭୋଇ, ଅତୁଲ ଅଗ୍ରୱାଲ, ରାମଚରଣ ରାୟ, ତୁଲାରାମ ବାବା, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସରପଞ୍ଚ ସଂକୀର୍ତ୍ତନ କିଷାନ, ସୌଭାଗ୍ୟ ଭଇଁଷା, ବସନ୍ତ ବୁଡା, ସୌମ୍ୟରଞ୍ଜନ ଧଳ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ହିନ୍ଦୁ ସମାଜ କର୍ମକର୍ତ୍ତା।

# ବିବାହ ଉତ୍ସବରେ ଚାରା ବାଣ୍ଟିଲେ ନବଦମ୍ପତି

- ରକ୍ତଦାନ ଶିବିରର ବି କଲେ ଆୟୋଜନ
- ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ଆଶୀର୍ବାଦ ନେଲେ

ସମ୍ବଲପୁର,୧୭ (ଭବାନୀ ଶଙ୍କର ଭୋଇ)



ଜରାନିବାସ ଅନ୍ତେବାସୀଙ୍କୁ ଶାଢ଼ି ଓ ପୁସ୍ତିକା ପ୍ରଦାନ କରିବା ଅବସରରେ ନବଦମ୍ପତି ଓ ପରିବାର।

ସମ୍ବଲପୁର ଯୁଯୋମୁରା ବ୍ଲକ ବାରଲୋଇ ଗ୍ରାମରେ ନିଆରା ବିବାହ ଉତ୍ସବ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ବାରଲୋଇ ଗ୍ରାମରେ ଅନୁଷ୍ଠିତ ଏକ ବାହାଘର ଭୋଜିରେ ରକ୍ତଦାନ ଶିବିର, ଚାରାବଣ୍ଟନ, ବୃଦ୍ଧାଶ୍ରମର ଅନ୍ତେବାସୀଙ୍କଠାରୁ ନବଦମ୍ପତି ଆଶୀର୍ବାଦ ଗ୍ରହଣ ଭଳି କାର୍ଯ୍ୟକ୍ରମ ଅନେକ ଅତିଥିଙ୍କୁ ବିସ୍ମିତ କରିଥିଲା।

ଫୁଲଝରନ କସ୍ତୁରବା ଗାନ୍ଧୀ ଜରାନିବାସର ପୂର୍ବତନ ପ୍ରଧାନଶିକ୍ଷକ କୂଳଧର ପ୍ରଧାନ ଶିକ୍ଷକତା ସହ ଅଞ୍ଚଳରେ ଅନେକ ସମାଜ ସଂସ୍କାର କାର୍ଯ୍ୟରେ ସାମିଲ ରହିଆନ୍ତି। ତାଙ୍କ ପୁଅର ବାହାଘର କାର୍ଯ୍ୟକ୍ରମରେ ଅଯଥା ଖର୍ଚ୍ଚ ନକରି ଭୋଜିରେ ସାମିଲ ଅତିଥିଙ୍କୁ ପରିବେଶ ଏବଂ ରକ୍ତଦାନ ବିଷୟରେ ସଚେତନ କରିବା, ଘରର ବୃଦ୍ଧାବୃଦ୍ଧଙ୍କୁ ସମ୍ମାନ ଦେବା ଭଳି ସଂସ୍କାର ବିଷୟରେ ସଚେତନତାର ବାର୍ତ୍ତା ଦେବାକୁ ଚେଷ୍ଟା କରିଥିଲେ। ଭୋଜିରେ ସାମିଲ ହେଉଥିବା ଅତିଥି ନବବିବାହିତ ଯୋଡିଙ୍କୁ ଉପହାର ଦେବା ପରେ ସେମାନଙ୍କୁ ପ୍ରତିବଦଳରେ ବିଭିନ୍ନ ଗଛର ଚାରା ପ୍ରଦାନ କରି ଆଶୀର୍ବାଦ ଗ୍ରହଣ କରୁଥିବା ଦେଖିବାକୁ ମିଳିଥିଲା। ଏହାସହ ଅତିଥିମାନଙ୍କୁ ପୁରାଣ ଶାସ୍ତ୍ର ଅଧାରିତ ଗୀତା, ଭାଗବତ, ରାମାୟଣ ସାରକଥା, ଲକ୍ଷ୍ମୀ ପୁରାଣ ଭଳି ଆଧାତ୍ମିକ ଜ୍ଞାନ ଆଧାରିତ ପୁସ୍ତକ ବଣ୍ଟନ କରାଯାଇଥିଲା। ଏହାସହ ବିବାହ ମଣ୍ଡପ ନିକଟରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ରକ୍ତ ଅଭାବ ଦୂର କରିବା ପାଇଁ ରକ୍ତଦାନ ଏକମାତ୍ର ବିକଳ୍ପ ହୋଇଥିବାରୁ ଅତିଥିମାନଙ୍କୁ ଏହି ମହାନ କାର୍ଯ୍ୟରେ ସାମିଲ ହେବାକୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୁଳଧର ପ୍ରଧାନଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ପ୍ରଧାନ, ବିବାହ କରିଥିବା ପୁଅ ଅଙ୍କୁଶ ପ୍ରଧାନଙ୍କ ସମେତ ବହୁ ଅତିଥି ରକ୍ତଦାନ କରିଥିଲେ। ଏହାସହ ଫୁଲଝରନ ସ୍ଥିତ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କୁ ବିବାହ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯାଇଥିଲା। ନବଦମ୍ପତି ସେମାନଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଘରର କୁଣ୍ଡଆ ଗଳି ଅନ୍ତେବାସୀଙ୍କୁ ଶାଢୀ ପ୍ରଦାନ କରାଯାଇଥିଲା। ପୁଅ ବାହାଘରରେ ସାମିଲ ହୋଇଥିବା ଏଭଳି ଅନେକ ଘଟଣା ଅତିଥିମାନଙ୍କୁ ଭିନ୍ନ ଏକ ଅନୁଭୂତି ଦେଇଥିଲା। କୂଳଧର ପ୍ରଧାନ କହିଛନ୍ତି, ବିବାହ ଏକ ସଂସ୍କାର। ଏଥିରେ ଆମେ ସମାଜ ଏବଂ ପରମ୍ପରା ପ୍ରତି ଉତ୍ତର ଉତ୍ତରଦାୟିତ୍ୱକୁ ଜାଣିବା ପାଇଁ ଏଭଳି କିଛି କରିବାକୁ ଚିନ୍ତା କରିଥିଲୁ। ତେବେ ଅତିଥିମାନେ ଏଥିରେ ସହଯୋଗ କରି ସାମିଲ ହୋଇଥିବାରୁ ତାଙ୍କର ଚେଷ୍ଟା ସଫଳ ହୋଇପାରିଥିଲା ବୋଲି କହି ସେ ଖୁସିବ୍ୟକ୍ତ କରିଛନ୍ତି।

